
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୦ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 November 2024
Vol.No. 35 ■ No.298 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୋଦୀଙ୍କୁ ରାହୁଲଙ୍କ ଚ୍ୟାଲେଞ୍ଜ୍

## କ୍ଷମତାକୁ ଫେରିଲେ ଜାତିଗତ ଜନଗଣନା କରିବୁ



ନୂଆଦିଲ୍ଲୀ, ୦୯/୧୧ : ତେଲେଙ୍ଗାନାର କଂଗ୍ରେସ ସରକାର ଶନିବାର ରାଜ୍ୟର ପ୍ରଥମ ଜାତି ଭିତ୍ତିକ ସର୍ଭେ ଆରମ୍ଭ କରିଛନ୍ତି। ସେପଟେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବୟାନ ସାମ୍ନାକୁ ଆସିଛି । ବିଜେପିକୁ ଟାର୍ଗେଟ କରି ସେ କହିଛନ୍ତି ଯେ, ବିଜେପି ଦେଶରେ ଗଣଜାତି ଜନଗଣନା କରିବାକୁ ଚାହୁଁନାହିଁ। କଂଗ୍ରେସ ନେତା ରାହୁଲ ଗାନ୍ଧି ଏକ୍ସଙ୍କୁ ନେଇ ଏକ ପୋଷ୍ଟରେ ଲେଖିଛନ୍ତି, ମୋଦିଜୀ, ଆଜିଠାରୁ ତେଲେଙ୍ଗାନାରେ ଜାତି ଗଣନା ଆରମ୍ଭ ହୋଇଛି। ଏଥିରୁ ମିଳିଥିବା ତଥ୍ୟକୁ ବ୍ୟବହାର କରି ରାଜ୍ୟର ପ୍ରତ୍ୟେକ ବର୍ଗର ବିକାଶ ପାଇଁ ନୀତି ପ୍ରସ୍ତୁତ କରିବୁ। ଖୁବଶୀଘ୍ର ମହାରାଷ୍ଟ୍ରରେ ମଧ ଏହା ହେବ । ସମସ୍ତେ ଜାଣନ୍ତି ଯେ ବିଜେପି ଦେଶରେ ବ୍ୟାପକ ଜାତିଗତ ଜନଗଣନା କରିବାକୁ ଚାହୁଁନାହିଁ। ସେ ଆହୁରି ମଧ କହିଛନ୍ତି ଯେ ମୁଁ ମୋଦୀଜୀଙ୍କୁ ସ୍ପଷ୍ଟ ଭାବେ କହିବାକୁ ଚାହୁଁଛି, ଆପଣ ସାରା ଦେଶରେ ଜାତିଗତ ଜନଗଣନାକୁ ବନ୍ଦ କରିପାରିବେ ନାହିଁ। ଆମେ ଏହି ସଂସଦରେ ଜାତିଗତ ଜନଗଣନା ପାରିତ କରିବୁ ଏବଂ ସଂରକ୍ଷଣ ଉପରେ ୫୦% ସୀମା ଭାଙ୍ଗିବୁ । ତେଲେଙ୍ଗାନା ସରକାର ଶନିବାର ଠାରୁ ଜାତିଗତ ଜନଗଣନା ଆରମ୍ଭ କରିଛନ୍ତି। କିଛି ସପ୍ତାହ ମଧରେ ୮୦ ହଜାର ଗଣନାକାରୀ ୩୩ଟି ଜିଲ୍ଲାର ୧ କୋଟି ୧୭ ଲକ୍ଷରୁ ଅଧିକ ଘର ସର୍ଭେ କରିବେ ବୋଲି କୁହାଯାଉଛି।

## ପୁଣି ହିଂସାରେ ଥରିଲା ମଣିପୁର: ଶିକ୍ଷୟିତ୍ରୀଙ୍କୁ ଗଣଦୁଷ୍କର୍ମ ପରେ ପୋଡିଦେଲେ ଦୁର୍ବୃତ୍ତ

ନୂଆଦିଲ୍ଲୀ, ୦୯/୧୧ : ପୁଣି ଅସ୍ଥିର ମଣିପୁର । ୩ଟି ସନ୍ତାନର ମା’ ଓ ଶିକ୍ଷୟତ୍ରୀଙ୍କୁ ଗଣଦୁଷ୍କର୍ମ କରି ଜୀବନ୍ତ ପୋଡି ମାରିଦବା ଭଳି ଘଟଣା ପୁଣି ମଣିପୁରରେ ଅଶାନ୍ତ ମାହୋଲ ସୃଷ୍ଟି କରିଛି । ସୂଚନା ଅନୁସାରେ, ଶୁକ୍ରବାର ବିଳମ୍ବିତ ରାତିରେ ଜେରିବାମ ଜିଲ୍ଲାରେ ଘଟିଛି ଏହି ଅଭାବନୀୟ ଘଟଣା । ମହିଳା ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ଘରେ ପଶି ଲୁଟପାଟ୍ , ଦୁଷ୍କର୍ମ ଓ ହତ୍ୟା କରିଥିବା ଅଭିଯୋଗ ହୋଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ମହିଳାଙ୍କ ସହ ଦୁଷ୍କର୍ମ କରିବା ପରେ ମାରପିଟ କରିଥିଲେ ଦୁର୍ବୃତ୍ତ ପରେ ଗୁଳିମାଡ କରିବା ସହ ଜିଅନ୍ତା ପୋଡି ମାରିଦେଇଥିଲେ । ସବୁଠୁ ବଡ ଆଶ୍ଚର୍ଯ୍ୟ କଥା ହେଉଛି ଘଟଣାସ୍ଥଳରୁ କେବଳ ୬କିଲୋମିଟର ଦୂରରେ ରହିଛି ସେନା କ୍ୟାମ୍ପ । ଘଟଣା ପରେ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ଦେଖାଦେଇଛି । କଡ଼ା ସୁରକ୍ଷା ମଧରେ ଜେରାଜୋମ ଜିଲ୍ଲା ଓ ଏହାର ଆଖପାଖ ଅଂଚଳକୁ ରଖାଯାଇଛି। କିଛି ସ୍ଥାନରେ କର୍ଫ୍ୟୁ ଲାଗୁ କରାଯିବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## ଉପମୁଖ୍ୟମନ୍ତ୍ରୀଙ୍କ ବଡ଼ ସୂଚନା: ୨୪ରେ ମିଳିବ ‘ସୁଭଦ୍ରା’ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା



ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଏଇ ମାସ ୨୪ରେ ମିଳିବ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା । ଏହି ଦିନ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ‘ସୁଭଦ୍ରା’ ଯୋଜନାରେ ୫ ହଜାର ଟଙ୍କା ଦିଆଯିବ । ସେହିପରି ଯୋଜନାରୁ ଯେମିତି ଜଣେ ହେଲେ ଯୋଗ୍ୟ ହିତାଧିକାରୀ ବାଦ୍ ପଡିବେନି ସେଥିପାଇଁ ସରକାର ଯତ୍ନବାନ ଥିବା ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । ଲଣ୍ଡନରୁ ଫେରୁ ଫେରୁ ସୁଭଦ୍ରାକୁ ନେଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବଡ଼ ଘୋଷଣା । ଆସନ୍ତା ୨୪ ତାରିଖରେ ମିଳିବ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା । ଏଥିପାଇଁ ଏଥର ସୁନ୍ଦରଗଡ଼ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଯେଉଁଥିରେ କେନ୍ଦ୍ରମନ୍ତ୍ରୀମାନଙ୍କ ଉପସ୍ଥିତିରେ ୨୦ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବ । ତେବେ ପୂର୍ବରୁ ସମୁଦାୟ ୧ କୋଟି ୨ ଲକ୍ଷ ମହିଳାଙ୍କୁ ଯୋଜନାରେ ସାମିଲ କରାଯିବାକୁ ସରକାର କହିଥିଲା ବେଳେ ଏବେ ଏଥିରେ ଆହୁରି ୨୦ ଲକ୍ଷ ହିତାଧିକାରୀଙ୍କୁ ଯୋଡ଼ାଯିବାର ଲକ୍ଷ୍ୟ ରହିଛି । ବଳକା ସବୁ ଯୋଗ୍ୟ ମହିଳାଙ୍କୁ ଡିସେମ୍ବର ମାସରେ ପ୍ରଥମ ପର୍ଯ୍ୟାୟ ଟଙ୍କା ମିଳିଯିବ ।

▶▶ପୃଷ୍ଠା ୭

## ୧୫ରେ ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ଭୁବନେଶ୍ୱର, ୦୯/୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣି ଓଡ଼ିଶା ଗସ୍ତରେ ଆସିବେ। ସେ ଆସନ୍ତା ୧୫ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଉରକେଲାରେ ଆୟୋଜିତ ‘ଜନଜାତି ଗୌରବ ଦିବସ’ କାର୍ଯ୍ୟକ୍ରମରେ ଯୋଗ ଦେବେ। ନଭେମ୍ବର ୧୫ ତାରିଖରେ ପଡୁଛି ସହିଦ ବୀରସା ମୁଣ୍ଡାଙ୍କ ଜନ୍ମତିଥି। ଏହି ଦିନ ଜନଜାତି ଗୌରବ ଦିବସ ପାଳିତ ହେବ। ଏହି ଏକ ବର୍ଷବ୍ୟାପୀ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିବେ। ଏହା ୧୫ରୁ ଆରମ୍ଭ ହୋଇ ଏକ ବର୍ଷ ଯାଏ ଚାଲିବ। ତାଙ୍କର ସୂଚନା ଅନୁଯାୟୀ, ନଭେମ୍ବର ୧୫ ତାରିଖରେ ପଡୁଛି ସହିଦ ବୀରସା ମୁଣ୍ଡାଙ୍କ ଜନ୍ମତିଥି। ଏହି ଦିନ ଜନଜାତି ଗୌରବ ଦିବସ ପାଳିତ ହେବ। ଏହି ଏକ ବର୍ଷବ୍ୟାପୀ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିବେ। ଏହା ୧୫ରୁ ଆରମ୍ଭ ହୋଇ ଏକ ବର୍ଷ ଯାଏ ଚାଲିବ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶେଷଥର ଲାଗି ଗତ ସେପ୍ଟେମ୍ବର ମାସ ୧୭ ତାରିଖରେ ଓଡ଼ିଶାରେ ‘ସୁଭଦ୍ରା’ ଯୋଜନାର ଶୁଭାରମ୍ଭ କରିବାକୁ ଭୁବନେଶ୍ୱର ଆସିଥିଲେ।

## କଶ୍ମୀରର ବାରମୁଲାରେ ଏନକାଉଣ୍ଟର: ଜଣେ ଆତଙ୍କବାଦୀ ନିହତ

ଶ୍ରୀନଗର, ୦୯/୧୧ :ଜମ୍ମୁ-କଶ୍ମୀରର ବାରମୁଲା ଜିଲ୍ଲାରେ ଶନିବାର ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସୂଚନା ଅନୁଯାୟୀ, ସୋପୋରର ରାମପୁର ଅଞ୍ଚଳରେ ଏହି ଏନକାଉଣ୍ଟର ହୋଇଥିଲା। କାଶ୍ମୀର ଜୋନ୍ ପୁଲିସ କହିଛି ଯେ ରାମପୁର ଅଞ୍ଚଳରେ ଆତଙ୍କବାଦୀ ଲୁଚିଥିବା ସୂଚନା ମିଳିବା ପରେ ପୁଲିସ ଓ ସୁରକ୍ଷାବାହିନୀ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଏହି ସମୟରେ ଆତଙ୍କବାଦୀମାନେ ଗୁଳିଚାଳନା କରିବା ପରେ ସୁରକ୍ଷାବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏନକାଉଣ୍ଟର ସମୟରେ ସୁରକ୍ଷାବାହିନୀ ଜଣେ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ଗତକାଲି ସୋପୋରର ସାଗ୍ନିପୋରା ଅଞ୍ଚଳରେ ସୁରକ୍ଷା ବାହିନୀ ୨ ଜଣ ବିଦେଶୀ ଆତଙ୍କବାଦୀଙ୍କୁ ନିପାତ କରିଥିଲା।

## ହୋମ୍ ଗାର୍ଡଙ୍କ ନିଯୁକ୍ତି ଉପରେ ଥିବା ରହିତାଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ରାଜ୍ୟରେ ହୋମ୍ ଗାର୍ଡଙ୍କ ନିଯୁକ୍ତି ଉପରେ ଥିବା ରହିତାଦେଶକୁ ପ୍ରତ୍ୟାହୃତ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି ବ୍ୟାନ୍ ପ୍ରତ୍ୟାହୃତ ହୋଇଛି। ଏହାଦ୍ୱାରା ରାଜ୍ୟରେ ଖାଲିଥିବା ହୋମ୍ ଗାର୍ଡ ପଦବୀ ଖୁବ୍‌ଶୀଘ୍ର ପୂରଣ ହୋଇ ପାରିବ। ସୂଚନାଯୋଗ୍ୟ, ରାଜ୍ୟରେ ସମୁଦାୟ ହୋମ ଗାର୍ଡ ପଦବୀ ସଂଖ୍ୟା ୧୭,୬୭୫ ଥିବା ବେଳେ ୧୫,୩୦୬ ଜଣ ହୋମ ଗାର୍ଡ କାର୍ଯ୍ୟରତ ଅଛନ୍ତି। ୨୩୬୯ଟି ପଦବୀ ଖାଲି ଅଛି।

## ଝାଡ଼ଖଣ୍ଡରେ ଆଇଟି ବିଭାଗର ବଡ଼ ଚଢାଉ: ଟାର୍ଗେଟରେ ହେମନ୍ତ ସୋରେନଙ୍କ ସହଯୋଗୀ



ନୂଆଦିଲ୍ଲୀ, ୦୯/୧୧ : ନିର୍ବାଚନ ପୂର୍ବରୁ ଆକ୍ସନ ମୁଡ଼ରେ ଆୟକର ବିଭାଗ, ଶନିବାର ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରେ ପକ୍ଷରୁ ବଡ଼ ଧରଣର ଚଢାଉ କରାଯାଇଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବ୍ୟକ୍ତିଗତ ସହାୟକ ସୁନୀଲ ଶ୍ରୀବାସ୍ତବ ଓ ସମ୍ପର୍କୀୟଙ୍କ ୧୭ଟି ଠିକଣାରେ ଏକକାଳୀନ ଛାପା ମାରିଛନ୍ତି ଆଇଟି ବିଭାଗର କର୍ମଚାରୀ। ନିର୍ବାଚନ ପୂର୍ବରୁ ରାଞ୍ଚିରେ ଆୟକର ବିଭାଗର ଏହା ଏକ ବଡ଼ ଚଢ଼ାଉ ବୋଲି କୁହାଯାଉଛି। ଇଡ଼ି, ସିବିଆଇ ପରେ ଆୟକର ବିଭାଗ ବିଜେପିର କ୍ୟାଡ଼ର ଭାବେ ନିର୍ବାଚନ ମୈଦାନକୁ ଓହ୍ଲାଇଥିବା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଅଭିଯୋଗ କରିଛନ୍ତି। ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ପାଲଘରରେ ପୁଲିସ ଚେକିଂ ବେଳେ ୩ କୋଟିରୁ ଅଧିକ ଟଙ୍କା ଜବତ କରାଯାଇଛି। କାରରେ ଟଙ୍କା ଚାଲାଣ ହେଉଥିବା ବେଳେ ଏହାକୁ ଜବତ କରାଯାଇଛି।

▶▶ପୃଷ୍ଠା ୭

## ଆଇଏଏସ ସ୍ତରରେ ଅଦଳ ବଦଳ କଲେ ରାଜ୍ୟ ସରକାର: ବଦଳିଲେ ଯୋଗାଣ ଓ ଶକ୍ତି ବିଭାଗର ସଚିବ




ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଆଇଏଏସ ସ୍ତରରେ ଅଦଳ ବଦଳ। କନ୍ଧମାଳରେ ବିଷାକ୍ତ ଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା ବିବାଦ ଭିତରେ ବଦଳିଛନ୍ତି ଖାଦ୍ୟ ଓ ଯୋଗାଣ ବିଭାଗ ସଚିବ ବୀର ବିକ୍ରମ ଯାଦବ। ପ୍ରମୁଖ ସଚିବ ସଞ୍ଜୟ ସିଂହଙ୍କୁ ମିଳିଛି ଖାଦ୍ୟ ଯୋଗାଣ ବିଭାଗର ଅତିରିକ୍ତ ଦାୟିତ୍ୱ। ସେପେଟ ଶକ୍ତି ବିଭାଗ ସଚିବ ପଦରୁ ହଟିଛନ୍ତି ହେମନ୍ତ ଶର୍ମା। ପ୍ରମୁଖ ସଚିବ ବିଶାଲ ଦେବଙ୍କୁ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସଚିବ ଦେଓରଞ୍ଜନ ସିଂହଙ୍କୁ ଅତିରିକ୍ତ ଦାୟିତ୍ୱ । ୯ଜଉ ଦାୟିତ୍ୱ ସହ ଙରଉଡର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓପିଟିସିଏଲ ସିଏମଡି ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଗିରିଶ ଏସ୍‌ଏନ୍‌ଙ୍କୁ ପଞ୍ଚାୟତିରାଜ

▶▶ପୃଷ୍ଠା ୭

## ପଦ୍ମ ବିଜେତାଙ୍କୁ ମାସିକ ମିଳିବ ୩୦ ହଜାର ଟଙ୍କା

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଆଜି ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସମସ୍ତ ପଦ୍ମ ବିଜେତାଙ୍କୁ ମିଳିବ ସମ୍ମାନ ସୂଚକ ସହାୟକ ରାଶି। ସେମାନଙ୍କୁ ମାସିକ ୩୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଘୋଷଣା କରିଛନ୍ତି ।ରାଜ୍ୟରେ ବର୍ତ୍ତମାନ ୫୫ ଜଣ ଜୀବିତ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ଅଛନ୍ତି। ସେମାନଙ୍କୁ ମାସକୁ ୩୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ସହାୟକ ରାଶି ପାଇ ପାରିବେ ରାଜ୍ୟ ସରକାର।

## ପାକିସ୍ତାନର ରେଳ ଷ୍ଟେସନରେ ବଡ଼ ଧରଣର ବିସ୍ଫୋରଣ



ନୂଆଦିଲ୍ଲୀ, ୦୯/୧୧ : ବିସ୍ଫୋରଣରେ ଥରିଲା ପାକିସ୍ତାନ । ବଲୋଚିସ୍ତାନର କ୍ୱେଟା ରେଳ ଷ୍ଟେସନରେ ବୋମା ବିସ୍ଫୋରଣ ଯୋଗୁଁ ୨୨ ଜଣଙ୍କ ମୃତ୍ୟୁ ହୋଇଛି । ୩୦ରୁ ଅଧିକ ଆହତ ହୋଇଥିବା ନେଇ ଜାତୀୟ ଗଣମାଧମରେ ଖବର ପ୍ରକାଶ ପାଇଛି । ପ୍ରତିଦିନ ଭଳି ଷ୍ଟେସନରେ ଭିଡ଼ ଦେଖିବାକୁ ମିଳିଥିଲା । ଲୋକେ ଯାତ୍ରା କରିବା ପାଇଁ ଟିକେଟ କାଉଣ୍ଟରରେ ଭିଡ଼ ଜମାଇଥିଲେ । ଏହି ସମୟରେ ଷ୍ଟସେନର ଟିକେଟ୍ ବୁକିଂ କାଉଣ୍ଟରରେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି । ଟ୍ରେନ୍ ପ୍ଲାଟ୍‌ଫର୍ମରେ ପହଞ୍ଚିବାର ଠିକ୍ ପୂର୍ବରୁ ବିସ୍ଫୋରଣ ଯୋଗୁଁ ଏତେ ଲୋକଙ୍କ ଜୀବନ ଯାଇଛି । ମୃତକଙ୍କ ମଧରେ ଅନେକ ମହିଳା ଓ ଶିଶୁ ଥିବା ଜଣାପଡ଼ିଛି । ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯିବା ସହ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପୋଲିସ ଓ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରୁଛନ୍ତି । ଅନେକ ଲୋକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ନେଇ ମଧ ଆଶଙ୍କା ବଢ଼ିଛି ।

## କରୋନା ପାଣ୍ଠିରେ ହେରଫେର: ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ବିରୋଧରେ ଚାଲିବ ତଦନ୍ତ

ନୂଆଦିଲ୍ଲୀ, ୦୯/୧୧ : କର୍ଣ୍ଣାଟକାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦ୍ୟୁରପ୍ପାର ଓ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ବି ସିରାମୁଲୁଙ୍କ ଅଡୁଆ ବଢ଼ିଛି। କୋଭିଡ ୧୦ ପାଣ୍ଠି ହେରଫେର ଅଭିଯୋଗ ଘଟଣାରେ ଉଭୟଙ୍କୁ ତଦନ୍ତ ପରିସର ଭୁକ୍ତ କରିବାକୁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମାଇକେଲ ଡିଚୁନା କମିଶନ ପ୍ରସ୍ତାବ ଦେଇଛନ୍ତି। ୟେଦ୍ୟୁରପ୍ପା ଓ ସିରାମୁଲୁଙ୍କ ବିରୋଧରେ ଦୁର୍ନୀତି ନିରୋଧ ଆଇନର ଧାରା ୭ ଅନୁସାରେ ବିଚାର ପ୍ରକ୍ରିୟା ଜାରି ରଖିବାକୁ କମିଶନ କହିଛନ୍ତି। କରୋନା ମହାମାରୀ ବେଳେ ଚାଇନିଜ କମ୍ପାନୀ ଠାରୁ କର୍ଣ୍ଣାଟକାର ତତ୍କାଳୀନ ବିଜେପି ସରକାର ୩ ଲକ୍ଷ ପିପିଇ କିଟ ଆଣିଥିଲେ। ଏଥିରେ ବ୍ୟାପକ ହେଫେର ହୋଇଥିବା ଅଭିଯୋଗ ହୋଇଥିଲା ।ଏହାର ତଦନ୍ତ ଜଷ୍ଟିସ ମାଇକେଲଙ୍କ ନେତୃତ୍ୱାଧୀନ କମିଶନ କରିଥିଲେ। କମିଶନ ପକ୍ଷରୁ ଅଗଷ୍ଟ ୩୧ରେ କର୍ଣ୍ଣାଟକା ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ଏଥିରେ ୟେଦ୍ୟୁରପ୍ପା ଓ ସିରାମୁଲୁଙ୍କ ବିରୋଧରେ ମାମଲା ଜାରି ରଖିବାକୁ କୁହାଯାଇଛି। ରିପୋର୍ଟ ଅନୁସାରେ, ୟେଦ୍ୟୁରପ୍ପାଙ୍କ ନେତୃତ୍ୱାଧୀନ

▶▶ପୃଷ୍ଠା ୭

# ପୋଲିସକୁ ଅଧିକ କ୍ରିୟାଶିଳ କରାଯିବ: ପୋଲିସ ମହାନିର୍ଦ୍ଦେଶକ

ଜୟପୁର, ୦୯/୧୧ (ନି.ପ୍ର): ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଆଜି ଦିନିକିଆ କୋରାପୁଟ ଗସ୍ତରେ ଆସି ପୋଲିସ ବିଭାଗର ବିଭିନ୍ନ କାର୍ଯ୍ୟ ତଦାରଖ କରିଛନ୍ତି। କୋରାପୁଟ ବିଏସଏଫ ହେଲିପେଡରେ ଓହ୍ଲାଇବା ପରେ ପ୍ରଥମେ ସେ ବିଏସଏଫ କ୍ୟାମ୍ପକୁ ଯାଇ ସେଠାରେ ଆଲୋଚନା କରିଥିଲେ। ପରେ ଏସଓଜି ତାଲିମ କେନ୍ଦ୍ରରେ ଡିଭିଏଫ କ୍ୟାମ୍ପକୁ ବି ପରିଦର୍ଶନରେ ଯାଇଥିଲେ କ୍ଷ ପରେ ଜିଲ୍ଲା ପୋଲିସ କାର୍ଯ୍ୟ।ଳୟକୁ ଯାଇ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ଚର୍ଚ୍ଚା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତର ଦେବାସହ ମାଓ ଦମନ ଉପରେ ଗୁରୁତ୍ୱାରୋପ କରିଥିଲେ ଓ ପୋଲିସକୁ ଅଧିକ କ୍ରିୟାଶୀଳ କରାଯିବା ସହ ଗଂଜେଇ ଚାଷ ସଂପୂର୍ଣ ନିପାତ କରିବାକୁ ପୋଲିସ ବଦ୍ଧପରିକର ବୋଲି କହିଥିଲେ। ଓଡିଶାରେ ଗଂଜେଇ ଚାଷ ନଥିଲା। ମାଓବାଦିଙ୍କ ପୃଷ୍ଠପୋଷକତାରେ କୋରାପୁଟ, ମାଲକାନଗିରି ଭଳି ଜିଲ୍ଲାର ଅପହଂଚ ଇଲାକାରେ ଗଂଜେଇ ଚାଷ କରାଯାଇଥିଲା। ତେବେ ପୋଲିସ ର ଦୃଢ କାର୍ଯ୍ୟାନୁଷ୍ଠାନ ଫଳରେ ମାଓବାଦୀଙ୍କ ବିନାଶ ଘଟିଥିବା ଯୋଗୁଁ ସେମାନଙ୍କ ସହିତ ରାଜ୍ୟରେ ପ୍ରବେଶ କରିଥିବା ଗଂଜେଇ ମଧ ତାର ସତା ହରାଇବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୋଲିସ ଥାନା ଗୁଡିକରେ ଥିବା ସମସ୍ୟା ଗୁଡିକୁ ସମାଧାନ କରି ସେଗୁଡିକୁ ଜନ କଲ୍ୟାଣ ତଥା ଜନତାଙ୍କ ସୁରକ୍ଷା ଦିଗରେ ପ୍ରେରିତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ଶ୍ରୀ ଖୁରାନିଆ ଜଣାଇଛନ୍ତି। ସୀମାନ୍ତରେ ଅବସ୍ଥିତ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗଞ୍ଜେଇ ଚୋରା କାରବାରକୁ ରୋକିବା ସକାଶେ କଠୋର ପଦକ୍ଷେପ ଗ୍ରହଣ କରାଯିବ। ଅପରାଧୀଙ୍କୁ ଧରିବା ଓ ଅପରାଧକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ଥାନା ଠାରୁ ଜିଲ୍ଲା ପର୍ଯ୍ୟନ୍ତ ପୋଲିସ ର ମାନବ ସମ୍ବଳ ଓ ଭିତିଭୂମିର ଉନ୍ନତି ଅଣାଯିବ। ପୋଲିସ ପେଟ୍ରୋଲିଙ୍ଗକୁ ଅଧିକ କ୍ରିୟାଶୀଳ କରାଯିବାକୁ ଗୁରୁତ୍ୱ ଦିଆଯାଇଛି ବୋଲି ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କହିଛନ୍ତି । ଥାନାକୁ ଆସୁଥିବା ମାମଲା ଗୁଡ଼ିକୁ କୌଣସି ପକ୍ଷପାତ ନକରି ନିରପେକ୍ଷ ରହି ଆଇନ ଅନୁଯାୟୀ ନ୍ୟାୟପୁର୍ଣ୍ଣ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ପୋଲିସ ଯତ୍ନବାନ ରହିବେ ବୋଲି ପୋଲିସ ମହା ନିର୍ଦ୍ଦେଶକ କହିଛନ୍ତି। ଆଇନର ଖିଲାପ କରିବା ଅଭିଯୋଗ ନଜରକୁ ଆଣିଲେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ବେଆଇନ ଭାବେ ଜମି ଜବରଦଖଲ କରୁଥିବା ଜମି ହଡ଼ପକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତ୍ୱରିତ ନ୍ୟାୟ ପ୍ରଦାନକୁ ଡିଜି ଗୁରୁତ୍ୱ ଦେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର କୋରାପୁଟ ଗସ୍ତରେ ଆସି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଠାରେ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ। ଆଗାମୀ ଦିନରେ ୨ଟି ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି, ଗଞ୍ଜେଇ ଚୋରା କାରବାର ରୋକିବା, ଗଞ୍ଜେଇ ମାଫିଆ ଓ ଚାଲାଣ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସୀମାନ୍ତବର୍ତୀ ଅଂଚଳରେ ଗଞ୍ଜେଇ କାରବାରକୁ ରୋକିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏହକୁ ମୂଳରୁ ବିନାଶ କରିବା ପୋଲିସ ପାଇଁ କଡା ଚାଲେଞ୍ଜ ରହିଛି । ପୋଲିସ ର ଅଭିଯାନକୁ ସଫଳ କରିବା ପାଇଁ ଜନ ସାଧାରଣଙ୍କ ସହଯୋଗ କାମନା କରିଛନ୍ତି ପୋଲିସ ଡିଜି । ମାଓ ସମସ୍ୟା ପରେ ଗଞ୍ଜେଇ କାରବାର ରୋକିବା ପାଇଁ ପୋଲିସ ର ଏହା ଏବେ ପ୍ରାଥମିକତା ବୋଲି ସେ କହିଛନ୍ତି। ଆଜି ମାଲକାନଗିରି ଗସ୍ତ ସାରି କୋରାପୁଟ ଗସ୍ତ ରେ ଆସି ପ୍ରଥମେ ବିଏସଫ କ୍ୟାମ୍ପ ରେ ଅବତରଣ କରିଥିଲେ। ପରେ ଏସଓଜି କ୍ୟାମ୍ପ କୁ ଯାଇ ଆଲୋଚନା କରିଥିଲେ। ରାଷ୍ଟ୍ର ପ୍ରତି ଯବାନଙ୍କ ସମର୍ପିତ ମନୋଭାବ ଓ ସମାଜ ପ୍ରତି ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତାକୁ ଗୁରୁତ୍ୱ ଦେଇଥିଲେ। ଯବାନ ମାନଙ୍କ ମନୋବଳ ଓ ଦକ୍ଷତା ବଢାଇ ଥିଲେ । ପରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମିଳନୀ ରେ ଏହା ପ୍ରକାଶ କରିଥିଲେ । ପୋଲିସ ଡିଜିଙ୍କ ସହ ଡିଆଇଜି ଗୁଇନ୍ଦା କନଓ୍ୱର ବିଶାଳ ସିଂ, ଅଖିଲେଶ କୁମାର ସିଂ, କୋରାପୁଟ ଏସପି, କୋରାପୁଟ ଜିଲ୍ଲାପାଳ ଭି. କାର୍ତିଭାସନ ପ୍ରମୁଖ ଉପସ୍ଥିତ ଥିଲେ । କୋରାପୁଟ ସ୍ଥିତ ବିଏସଏଫ ସେକ୍ଟର କ୍ୟାମ୍ପ ରେ ଅବତରଣ କରି ବିଏସଏଫ ଅଧିକାରୀ ଓ ଯବାନ ମାନଙ୍କ ସହ ଆଲୋଚନା କରିଥିଲେ । ପରେ ଏସଓଜି କ୍ୟାମ୍ପକୁ ଯାଇ ଜବାନ ମାନଙ୍କ ସହ ଆଲୋଚନା କରି ମତାମତ ଗ୍ରହଣ କରିଥିଲେ ବୋଲି କହିଥିଲେ ପୋଲିସ ମହା ନିର୍ଦେଶକ ୱାଇ ବି ଖୁରାନିଆ । ଗତକାଲି ମାଲକାନଗିରି ଗସ୍ତ କରିଥିଲେ । ପରେ ଆଜି କୋରାପୁଟକୁ ଗସ୍ତରେ ଆସିଥିଲେ । ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳର ଗୋରାସେତୁ ବିଏସ୍‌ଏଫ କ୍ୟାମ୍ପ ପରିଦର୍ଶନ ପରେ ପୋଲିସ ଓ ବିଏସ୍‌ଏଫର ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ । ପୋଲିସ ଡିଜିଙ୍କ ଏହି ଗସ୍ତ ସମୟରେ ବରିଷ୍ଠ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ

ମାଲକାନଗିରି, ୦୯/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଜିଲ୍ଲାର ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମାଲକାନଗିରି ଜିଲ୍ଲାର କୃଷକମାନଙ୍କର ସୁବିଧା ନିମନ୍ତେ ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ ଜିଲ୍ଲାର ଚାଷୀମାନଙ୍କର ଧାନ କ୍ରୟ ବ୍ୟବସ୍ଥାକୁ ସୁଗମ କରିବା ସହ ଅଧିକ ଧାନ କ୍ରୟ କେନ୍ଦ୍ର ଖୋଲିବା ପାଇଁ କହିଥିଲେ। ବୈଠକର ପ୍ରାରମ୍ଭରେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୨୦୨୪-୨୫ ଖରିଫ ଧାନ କ୍ରୟ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସଧାରଣ ଧାନ ପାଇଁ ୨୩୦୦ ଟଙ୍କା ଓ ଗ୍ରେଡ଼ ଏ ପାଇଁ ୨୩୨୦ ଟଙ୍କା କ୍ୱିଂଟାଲ ରଖାଯାଇଛି। ଧାନ କ୍ରୟ ହେବା ପରେ ଚାଷୀ ମାନଙ୍କୁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଭୁବନେଶ୍ୱର ଦ୍ୱାରା ଅନଲାଇନରେ ସେମାନଙ୍କର ଏକାଉଂଟକୁ ୨୪ରୁ ୭୨ ଘଂଟା ମଧ୍ୟରେ ଟଙ୍କା ଜମା କରି ଦିଆଯିବ। ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ସୂଚନା ବିଭିନ୍ନ ମାଧ୍ୟମ ଯଥା ପ୍ରଚାରପତ୍ର, ଫ୍ଲେକ୍ସ ବ୍ୟାନର, ମାଇକରେ ପ୍ରଚାର, କର୍ମଶାଳା ଏବଂ ବିଭିନ୍ନ ଗଣ ମାଧ୍ୟମ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବ। ଚଳିତ ଖରିଫ ଧାନ କ୍ରୟ ନିମନ୍ତେ ୨୮ ଜଣ ମିଲର ଅଂଶଗ୍ରହଣ କରିବେ ବୋଲି ବୈଠକରେ ଜଣା ପଡ଼ିଛି। ଡିସେମ୍ବର ୧୬ ରୁ ମାର୍ଚ୍ଚ ୩୧, ୨୦୨୪ ପର୍ଯ୍ୟନ୍ତ ଧାନ କ୍ରୟ କାର୍ଯ୍ୟ ସମାପନ କରାଯିବ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୯ ଲକ୍ଷ ୨୩ ହଜାର କ୍ୱିଂଟାଲ ଖରିଫ ଧାନ କ୍ରୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ଉପଜିଲ୍ଲାପାଳ ଧାନ କ୍ରୟ ଓ ବିକ୍ରୟର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ ଓ ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିବେ। ସୂଚନାଯୋଗ୍ୟ, ଜିଲ୍ଲାରେ ୧୩ ଟି ପାକ୍ସ ରହିଛି ଓ ୨୦୨୪-୨୫ ଖରିଫ ଋତୁ ନିମନ୍ତେ ୩୭,୪୯୮ ଜଣ କୃଷକ ପଞ୍ଜୀକରଣ କରିଛନ୍ତି। ଏହି ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ନବରଙ୍ଗପୁର ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଯୋଗାଣ ଅଧିକାରୀ ସଦର ମୁରଲୀ କ୍ରିଷ୍ଣା ରାଓ, ଏସିଏସଓ ପ୍ରଦୀପ ଦାସ, ବୁଦ୍ଧଦେବ ଜେନା,ଜିଲ୍ଲାର ସମସ୍ତ ମିଲର, କୃଷି ଉପନିର୍ଦ୍ଦେଶକ, ସମସ୍ତ ବିଭାଗ ଉପ ନିବନ୍ଧକ, ଆରଏମସି ସଂପାଦକ ଓ ଯୋଗାଣ ବିଭାଗ କର୍ମକର୍ତା। ଉପସ୍ଥିତ ଥିଲେ। ଶେଷରେ ଉପ ଜିଲ୍ଲାପାଳ ଶ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧିକାରୀଙ୍କୁ ନେଇ ଛତାମଖନା ପଂଚାୟତର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲିଲେ ନରସିଂହ

ବଲାଙ୍ଗିର, ୦୯/୧୧ (ନି.ପ୍ର): ଶିକ୍ଷାନୁଷ୍ଠାନ ଏବଂ ପୋଖରୀ ଗୁଡିକର ଉନ୍ନତି ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ଅନେକ ଅନୁଦାନ ଅଣାଯାଇଛି ସେହି କ୍ରମରେ ନିଜ ନିର୍ବାଚନ ମଣ୍ଡଳୀ ହୋଇ ନଥିବା ସତ୍ୱେ ପୁଇଁନ୍ତଲା ବ୍ଲକ ସ୍ଥିତ ଛତାମଖନା ପଂଚାୟତର ଛତାମଖନା ଗାଁ ରେ ଥିବା ମିଶ୍ର କଟା ଏବଂ ଯୁଧିଷ୍ଠିର ମହାବିଦ୍ୟାଳୟର ଉନ୍ନତି ପାଇଁ ପଚାଶ ଲକ୍ଷ ଲେଖାଏଁ ସମୁଦାୟ ଏକ କୋଟି ଟଙ୍କାର ଅନୁଦାନ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ଅଣାଯାଇଥିଲା । କିନ୍ତୁ, ଦୁଃଖର ବିଷୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହି କାମ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏଣୁ ଲୋକଙ୍କ ହିତ ପାଇଁ ସରକାରଙ୍କ ସହ ଲଢେଇ କରି ଅଣାଯାଉଥିବା ଅନୁଦାନ କାହିଁକି ଠିକ ସମୟରେ ଅଧିକାରୀ ମାନେ ଖର୍ଚ୍ଚ କରି ପାରି ନାହାନ୍ତି ବୋଲି ଆଜି ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପ୍ରକଳ୍ପ ସ୍ଥାନ ପରିଦର୍ଶନ କଲା ବେଳେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଶ୍ନ କରିଛନ୍ତି । ଏହି ମର୍ମରେ ସେ ଆହୁରି ମଧ କହିଛନ୍ତି ଯେ, ଏହି ପୋଖରୀ ଓ ମହାବିଦ୍ୟାଳୟ ପାଇଁ ବିଗତ ୨୦୨୩ ମସିହାରୁ ଅନୁଦାନ ଅଣାସରିଛି ଏହା ଭିତରେ ଗୋଟିଏ ସରକାର ବଦଳି ସାରିଛି କିନ୍ତୁ ଏକ କୋଟି ଟଙ୍କାର ଏହି ଦୁଇଟି ପ୍ରକଳ୍ପ ଅଧିକାରୀ ମାନଙ୍କ ମନ୍ଦ ଉଦ୍ଦେଶ୍ୟ ଓ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଟେଣ୍ଡର ମଧ ଡକା ଯାଇପାରି ନାହିଁ। ଆଜି ଏହି ପୋଖରୀ ଓ ମହାବିଦ୍ୟାଳୟ ପରିଦର୍ଶନ ସମୟରେ ପୂଇଁନ୍ତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ସାମଲ, ସହକାରି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟମ୍ବଦା କାଲୋଙ୍କୁ ମିଶ୍ର କଟା ଏବଂ ଯୁଧିଷ୍ଠିର ମହାବିଦ୍ୟାଳୟର ଉନ୍ନୟନ କାର୍ଯ୍ୟର ଟେଣ୍ଡର କାହିଁକି ଏଯାଏଁ ଡକାଯାଇ ନାହିଁ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଉଭୟ ପ୍ରକଳ୍ପ ପାଇଁ ଯାଇଥିବା ପ୍ରସ୍ତାବ ଅଟକଳରେ ଭୁଲ ଥିବା ଯୋଗୁ ବିଳମ୍ବ ହେଉଥିବାର ଉତର ରଖିଥିଲେ। ଏହାକୁ ନେଇ ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରିବା ସହ ଉଭୟ ପ୍ରକଳ୍ପ ପାଇଁ ଏକ ସଠିକ ନକ୍ସା ଓ ବିବରଣୀ ସହ ଆଗାମୀ ପନ୍ଦର ଦିନ ଭିତରେ ଏହାର ମଞ୍ଜୁରୀ ସହ ଆଉ ପନ୍ଦର ଦିନ ଭିତରେ ଟେଣ୍ଡର ପ୍ରକ୍ରିୟା ସମାପ୍ତ କରନ୍ତୁ ବୋଲି କହିଥିଲେ। ମିଶ୍ର କଟା ର ଜଳ ଧାରଣ କ୍ଷମତା ବଢାଇବା ଦରକାର ଥିବା ସ୍ଥାନରେ ପ୍ରୋଟେକ୍ସନ ବାଡ଼ ଓ ପୋଖରୀ ଆଡି ରେ ଥିବା ରାସ୍ତାର ନିର୍ମାଣ ଠିକ ହିସାବରେ ହେବା ପାଇଁ ଆଲୋଚନା ହୋଇଥିଲା। ସେହିପରି ଯୁଧିଷ୍ଠିର ମହାବିଦ୍ୟାଳୟର ଆସିଥିବା ପଚାଶ ଲକ୍ଷ ଅନୁଦାନ ରାଶିରେ ଦୁଇଟି ବଡ ଶ୍ରେଣୀ ଗୃହ ତିଆରି କରାଯିବାର ସ୍ଥିରୀକୃତ ହୋଇଥିଲା। ଏସବୁ କାର୍ଯ୍ୟର ମାନରେ କୌଣସି ପ୍ରକାର ସାଲିସ କରା ନଯାଉ ଏବଂ ଅଧିକାରୀ ମାନେ ତତ୍ପରତା ସହ କାମ ତଦାରଖ କରି ମାସେ ଭିତରେ ଟେଣ୍ଡର ପ୍ରକ୍ରିୟା ସମାପ୍ତ କରନ୍ତୁ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ସ୍ମାରକ ରଞ୍ଜନ ମିଶ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପୂର୍ବତନ ଯନ୍ତ୍ରୀ ବୃଷବ ହୋତା, ଯୁଧିଷ୍ଠିର ମହାବିଦ୍ୟାଳୟ ଅଧକ୍ଷ ସୁଦାମ ଚରଣ ଖମାରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବାଘ ଆକ୍ରମଣରେ ୨ ଗୁରୁତର

ଗଞ୍ଜାମ, ୦୯/୧୧ (ନି.ପ୍ର): ଗଂଜାମ ଜିଲାରେ ବାଘ ଆତଙ୍କ ଦେଖାଦେଇଛି । ଏହି ମହାବଳ ପ୍ରଜାତିର ବାଘଟି ବ୍ରହ୍ମପୁର ସହର ଉପକଣ୍ଠ ଠାରୁ ବିଭିନ୍ନ ଗାଁ ଗଣ୍ଡା ଘୁରି ବୁଲିବା ସହ ଗାଇଗୋରୁ ଓ ଲୋକଙ୍କ ଉପରେ ଆକ୍ରମଣ କରିଥିବା ଜଣାପଡିଛି । ପୃଥକ ପୃଥକ ସ୍ଥାନରେ ବାଘ ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ଚିକିଟି ନିର୍ବାଚନ ମଣ୍ଡଳୀର ରାମଚନ୍ଦ୍ରପୁର ପଂଚାୟତର ପୋଡାପଦର ଗ୍ରାମ ମନ୍ଦିର ନିକଟରେ ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ କରିଛି। ସେହିଭଳି ସୁରଳ ଛକରେ ମଧ ଜଣେ ବ୍ୟକ୍ତିଙ୍କୁ ଲହୁଲୁହାଣ କରି ଗୁରୁତର କରିଛି । ଉଭୟ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି ହୋଇଛନ୍ତି । ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

# କେବେ ମିଳିବ ସ୍ୱାଭିମାନ ଅଂଚଳବାସୀଙ୍କୁ ବିଶୁଦ୍ଧ ପାଣି ?

ମାଲକାନଗିରି, ୦୯/୧୧ (ନି.ପ୍ର): ସ୍ୱାଭିମାନ ଅଂଚଳ ଓରାପଦର ଗାଁ ନିକଟରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ନେଇ ଚିନ୍ତାରେ ଲୋକେ। ୧୭ ମାର୍ଚ୍ଚ ୨୦୨୨ରେ ୪୩ କୋଟି ୧୬ ଲକ୍ଷ ଟଙ୍କାରେ ବ୍ୟୟରେ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା । ଏକ ଘରୋଇ କମ୍ପାନୀ କରୁଛି ପ୍ରକଳ୍ପ ନିର୍ମାଣ କାମ। ଦୁଇ ବର୍ଷ ବିତିଲାଣି କିନ୍ତୁ କାମ ସମ୍ପୂର୍ଣ୍ଣ ହୋଇପାରୁନି । କେଉଁଠି ପାଚେରୀ କାମ ଅଧା ନିର୍ମାଣ ହୋଇଛି ତ ଆଉ କେଉଁଠି ପମ୍ପ ଗୃହ କାମ ଅଧାପନ୍ତରିଆ ହୋଇ ପଡିରହିଛି । ପାଣି ଟ୍ୟାଙ୍କ କାମ ମଧ ଆଜି ପର୍ଯ୍ୟନ୍ତ ସରି ପାରୁନାହିଁ । ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । କେବେ ମିଳିବ ବିଶୁଦ୍ଧ ପାଣି ତାକୁ ନେଇ ପ୍ରଶ୍ନ କରିଛନ୍ତି। ମାଲକାନଗିରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଓ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ପାଇଁ ଏଭଳି ବିଳମ୍ବ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତା କଡରେ ପାଣି ପାଇପ ପଡିରହିଛି ହେଲେ କୌଣସି ଗାଁକୁ ସଂଯୋଗ ହୋଇପାରିନାହିଁ । ପ୍ରକଳ୍ପ ହେଲେ ଯୋଡାମ୍ବ, ପଣସପୁଟ, ଅଣ୍ଡ୍ରାପାଲି, ଯନ୍ତି ପଂଚାୟତର ୫୮ଟି ଗାଁର ଲୋକ ଉପକୃତ ହେବେ । କାମ ସରିନଥିବାରୁ ନଦୀ, ନାଳ ଓ ଚୁଆ ପାଣି ଉପରେ ହିଁ ଭରସା କରୁଛନ୍ତି ଗ୍ରାମବାସୀ । ସେପଟେ ବିଭାଗର ସହକାରୀ ଯନ୍ତ୍ରୀ କହିଛନ୍ତି ଡିଜାଇନରେ ପରିବର୍ତନ ଯୋଗୁଁ ବିଳମ୍ବ ହେଉଛି କାମ । ତେବେ ଦେଖିବାକୁ ବାକି ରହିଲା କେବେ ସରୁଛି ପାନୀୟ ଜଳ ପ୍ରକଳ୍ପ କାମ ଆଉ କେବେ ମିଳୁଛି ସ୍ୱାଭିମାନ ଅଂଚଳବାସୀଙ୍କୁ ବିଶୁଦ୍ଧ ପାଣି ।

# ଆରୋମେଟିକ ଏବଂ ଔଷଧୀୟ ବୃକ୍ଷର ଚାଷ ଓ ମୂଲ୍ୟ ବୃଦ୍ଧି ବିଷୟରେ ସଜାଗତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜୟପୁର, ୦୯/୧୧ (ନି.ପ୍ର): ଏମ.ଏସ.ଏସ.ଆର.ଏଫ (ଏମ.ଏସ. ସ୍ୱାମିନାଥନ ଗବେଷଣା ପ୍ରତିଷ୍ଠାନ), ଜୟପୁରରେ ଆରୋମେଟିକ ଏବଂ ଔଷଧୀୟ ବୃକ୍ଷର ଚାଷ ଓ ମୂଲ୍ୟ ବୃଦ୍ଧି ବିଷୟରେ ଏକ ଦିନିକିଆ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଏମ.ଏସ.ଏସ.ଆର.ଏଫ, ଜୟପୁର, ସିଏ.ସ.ଆଇ.ଆର - ଆଇ.ଏମ.ଏମ.ଟି, ଭୁବନେଶ୍ୱର ଏବଂ ସିଏ.ସ.ଆଇ.ଆର – ସି.ଆଇ.ଏମ.ଏ.ପି, ଲକ୍ଷ୍ନୌ, ଉତ୍ତର ପ୍ରଦେଶର ସଂଯୁକ୍ତ ପ୍ରୟାସରେ ଆୟୋଜନ କରାଯାଇଥିଲା। ଏମ.ଏସ.ଏସ. ଆର.ଏଫ.ର ବୈଜ୍ଞାନିକ ଡା. କାର୍ତିକ ଚରଣ ଲେଙ୍କା, ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ବୈଜ୍ଞାନିକ, ଉଦ୍ୟୋଗୀ, କୃଷକ ତଥା ଉପସ୍ଥିତ ୪୫ ଜଣ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ଏମ.ଏସ.ଏସ.ଆର.ଏଫ.ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପରିଡା, ସ୍ୱାଗତ ଭାଷଣରେ ଅଂଶଗ୍ରହଣକାରୀଙ୍କୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ସିଏ.ସ.ଆଇ.ଆର - ଆଇ.ଏମ.ଏମ.ଟି, ଭୁବନେଶ୍ୱରର ମୁଖ୍ୟ ବୈଜ୍ଞାନିକ ଡା.ନବୀନ କୁମାର ଧଳ ଓଡିଶାରେ ଔଷଧୀୟ ଗଛ ଚାଷର ସମ୍ଭାବନା ବିଷୟରେ କହିଥିଲେ। ସେ କହିଥିଲେ, 'ଓଡିଶାର ଭୂମି ଏବଂ ପ୍ରାକୃତିକ ପରିବେଶ ଆରୋମାଟିକ ଏବଂ ଔଷଧୀୟ ଚାଷ ପାଇଁ ଉପଯୁକ୍ତ, ଯାହା ଅନେକ ଲୋକଙ୍କ ପାଇଁ ନୂତନ ଆର୍ଥିକ ସଜାଗତା ଆଣିବ।' ଏହା ପରେ ସିଏ.ସ.ଆଇ.ଆର – ସି.ଆଇ.ଏମ.ଏ.ପି, ଲକ୍ଷ୍ନୌ, ଉତର ପ୍ରଦେଶର ବରିଷ୍ଠ ମୁଖ୍ୟ ବୈଜ୍ଞାନିକ ଡା. ପ୍ରଶାନ୍ତ କୁମାର ରାଉତ ଆବଶ୍ୟକ ତୈଳର ଉତ୍ପାଦନ ଓ ମୂଲ୍ୟ ବୃଦ୍ଧି ମାଧ୍ୟମରେ ଆମେ କିପରି ଏକ ସୁସ୍ଥ ସାମାଜିକ ଓ ଆର୍ଥିକ ସମୃଦ୍ଧି ଆଣିପାରିବ ତା ଉପରେ ଆଲୋକପାତ କରି ଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗାମୀ ଦିନରେ ଓଡିଶାର ଆରୋମେଟିକ ଏବଂ ଔଷଧୀୟ ବୃକ୍ଷ ଚାଷର ଆର୍ଥିକ ଏବଂ ସାମାଜିକ ସ୍ଥିତିକୁ ଉନ୍ନତ କରିବାରେ ଆଶା ଉନ୍ମୋଚନ କରିବା ସାହାଯ୍ୟ କରିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତିନି ଆହତ

କନ୍ଧମାଳ, ୦୯/୧୧ (ନି.ପ୍ର): ଛାତ ଉପରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇ ନାବାଳକ ଓ ଜଣେ ନାବାଳିକା ଆହତ ହୋଇଛନ୍ତି। କନ୍ଧମାଳ ଜିଲା ସୀମାନ୍ତ ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ କଟାମା ପଂଚାୟତର ଡନିଗାଁରେ ଏପରି ଘଟଣା ଘଟିଛି। ଆହତ ମାନେ ହେଲେ ଉକ୍ତ ଗ୍ରାମର ପିଟର ସୁଆନ ସିଂ(୯), ରିଙ୍କୁ ପରିଚ୍ଛା (୧୫) ଓ ଶୁଭକାମନା ସିଦ୍ଧାର୍ଥ ନାୟକ (୭)। ଶୀତଦିନ ହୋଇଥିବାରୁ ସେମାନେ ଛାତ ଉପରେ କଅଁଳ ଖରାରେ ପାଠ ପଢୁଥିବାବେଳେ ଏହି ଘଟଣା ଘଟିଛି। ଆହତ ମାନଙ୍କୁ ପରିବାର ଲୋକେ ତୁରନ୍ତ ବ୍ରାହ୍ମଣୀଗାଁ ସ୍ଥିତ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଆହତଙ୍କୁ ବିଶେଷ କିଛି ହୋଇ ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇଥିଲେ ।ରିଙ୍କୁଙ୍କ ବାପା ବିପ୍ର ପରିଚ୍ଛାଙ୍କ ପ୍ରତିକ୍ରିୟାରୁ ଯାହା ଜଣାପଡ଼ିଛି, ସେ ଅନେକ ଦିନରୁ ବିଦ୍ୟୁତ୍ ବିଭାଗର କର୍ମଚାରୀମାନଙ୍କୁ ନିଜ ଘର ଉପରେ ଯାଇଥିବା ବିଦ୍ୟୁତ ତାରକୁ ଅନ୍ୟ ଜାଗାକୁ ଘୁଂଚାଇବା ପାଇଁ କହିଥିଲେ କିନ୍ତୁ ଏହାକୁ କର୍ମଚାରୀମାନେ ଗୁରୁତ୍ୱର ଭାବେ ନେଇ ନଥିବା କହିଛନ୍ତି। ଏପରିକି ବିଦ୍ୟୁତ୍ ତାର ଘୁଂଚାଇବାକୁ ହେଲେ ସେମାନଙ୍କୁ କିଛି ଟଙ୍କା ଦେବାକୁ ପଡ଼ିବ ବୋଲି କର୍ମଚାରୀମାନେ କହିଥିବା ନେଇ ବିପ୍ର କହିଛନ୍ତି। ଉକ୍ତ କର୍ମଚାରୀଙ୍କୁ ଦେବା ପାଇଁ ବିପ୍ରଙ୍କ ପାଖରେ ଅର୍ଥ ନଥିବା ବେଳେ ଅକାଳରେ ଏପରି ଘଟଣା ଘଟିଥିବା ନେଇ ବିଦ୍ୟୁତ୍ ବିଭାଗକୁ ଦାୟୀ କରିଛନ୍ତି। ଅଂଚଳବାସୀ ଏହି ଘଟଣାରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ବିଦ୍ୟୁତ ବିଭାଗ ଏହା ଉପରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଏବେଠାରୁ ସ୍ୱଚ୍ଛତା ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ ହେବ: ସମ୍ବଲପୁର ମହାନଗର ନିଗମ

ସମ୍ବଲପୁର, ୦୯/୧୧ (ନି.ପ୍ର): ସମ୍ବଲପୁର ମହାନଗର ନିଗମ ଏଣିକି ସ୍ୱଚ୍ଛତା ଅଭିଯାନ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛି । ପୌର ନିଗମ କରିଥିବା ଘୋଷଣା ଅନୁସାରେ ସହରରେ ରହିଥିବା ସମସ୍ତ ବଡ଼ ବଡ଼ ଡଷ୍ଟବିନଗୁଡିକୁ ପର୍ଯ୍ୟାୟ କ୍ରମେ ହଟାଇ ଦିଆଯିବ। ସେଥିପାଇଁ ମହାନଗର ଅଂଚଳରେ ଘରକୁଘର ବୁଲି ଆବର୍ଜନା ସଂଗ୍ରହ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଯଦି କୌଣସି ଅଂଚଳକୁ ସ୍ୱଚ୍ଛତା ସବାରୀ(ଆବର୍ଜନା ସଂଗ୍ରହ ଗାଡ଼ି) ପହଂଚୁନାହିଁ ତେବେ ସ୍ୱଚ୍ଛସାଥୀମାନଙ୍କୁ ଯୋଗାଯୋଗ କରିବା ପାଇଁ ମହାନଗର କମିଶନର ବେଦଭୂଷଣ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ପ୍ରତି ଘରେ ଦୁଇଟି ଡଷ୍ଟବିନ ରଖି ଶୁଖିଲା ଏବଂ ଓଦା ଆବର୍ଜନାଗୁଡିକୁ ପୃଥକ ଭାବେ ସ୍ୱଚ୍ଛତା ସବାରୀରେ ଦେବାକୁ ମହାନଗର ନିଗମ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ସହରର ସମସ୍ତ ଦୋକାନୀ ମାନଙ୍କୁ ମଧ ଦୁଇଟି ଡଷ୍ଟବିନ ରଖିବାକୁ ବାଧ୍ୟତାମୂଳକ କରାଯାଇଛି, ଏଥିସହ ପ୍ରତି ଦୋକନୀ ନିଜର ଦୋକାନର ପାଂଚମିଟର ପରିମତ ଅଂଚଳକୁ ସଫାସୁତୁରା ରଖିବାକୁ ନିଗମ ଗୁରୁତ୍ୱ ଦେଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପାଇଲଟ ପ୍ରକଳ୍ପ ଭାବେ କାମ ଆରମ୍ଭ ହୋଇସାରିଥିବା ମହାନଗର କମିଶନର କହିଛନ୍ତି। କିଛି ଅଂଚଳରେ ଏହାକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି। ସେହି ଅଂଚଳରେ ଏହାର ସୁଫଳ ମଧ ମିଳିଥିବା ମହାନଗର କମିଶନର ପ୍ରକାଶ କରିଛନ୍ତି। ତେଣୁ ଏହାକୁ ସାରା ସହରରେ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ଏହାସହ ଜବର ଦଖଲ ଉଚ୍ଛେଦ ପାଇଁ ଯେଉଁଭଳି ପ୍ରବର୍ତନ ଟିମ କାର୍ଯ୍ୟ କରୁଛି ସେହିଭଳି ସ୍ୱଚ୍ଛତା ତଦାରଖ ପାଇଁ ମଧ ଏକ ପ୍ରବର୍ତନ ଟିମ୍ ଆରମ୍ଭ କରାଯାଇଥିବା ମହାନଗର କମିଶନର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଛନ୍ତି। ଏହାସହ ସମ୍ବଲପୁର ମହାନଗର ନିଗମ ଅଂଚଳରେ ଆସନ୍ତା ଏପ୍ରିଲ ୦୧ ତାରିଖରୁ କାଗଜ ଚାକପ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ଭାବେ କଟକଣା ଲଗାଯିବ। ଯେଉଁମାନେ କାଗଜ ଚାକପ ଦୋକାନରେ ବ୍ୟବହାର କରୁଛନ୍ତି ସେମାନେ ଆସନ୍ତା ଏପ୍ରିଲ ସୁଦ୍ଧା ବିକଳ୍ପ ବ୍ୟବସ୍ଥା କରିବାକୁ ମଧ କମିଶନର ପରାମର୍ଶ ଦେଇଛନ୍ତି। ସେହିପରି ମହାନଗର ଅଂଚଳରେ ପାର୍କିଂକୁ ନିୟନ୍ତ୍ରଣ କରିବା ପାଇଁ ସହରରେ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇ ପାର୍କିଂ ବ୍ୟବସ୍ଥା କୁ ଶୃଙ୍ଖଳିତ କରିବା ପାଇଁ ଚେଷ୍ଟା କରାଯାଉଥିବା ନେଇ ମହାନଗର ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ଦୋକାନ ସାମନାରେ ରାସ୍ତା ଉପରେ ପାର୍କିଂ କରାଯିବା ଯୋଗୁଁ ରାସ୍ତାରେ ଯାତାୟତ ସମସ୍ୟା ସୃଷ୍ଟି ହେଉଥିବାରୁ ଏହା ଉପରେ କଡା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଦୋକାନୀ ମାନେ ନିଜ ପରିସରରେ ପାର୍କିଂ ବ୍ୟବସ୍ଥା କରିବାକୁ ମହାନଗର ପକ୍ଷରୁ ଅନୁରୋଧ କରାଯାଉଛି। ମଲ ଏବଂ ବଡ ଦୋକାନ ଗୁଡିକ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବାକୁ ମହାନଗର ପକ୍ଷରୁ ତାଗିଦ୍ କରାଯାଇଛି। ମହାନଗର ଅଂଚଳରେ ପାର୍କିଂ ଫି ଆଦାୟ କରିବା ପାଇଁ ଟେଣ୍ଡର କରାଯାଇଛି ତେବେ ଲୋକଙ୍କୁ ଅନୁରୋଧ ରକ୍ଷା କରି ଓଭରବ୍ରୀଜ ତଳେ ଦୁଇଚକିଆ ଯାନ ପାଇଁ ଦଶ ଟଙ୍କିଆ ପାର୍କିଂ ଫି ଆଦାୟ ଆରମ୍ଭ ହୋଇଥିବା ବେଳେ ତା ଉପରେ ବିଚାର କରାଯିବ ବୋଲି କମିଶନର କହିଛନ୍ତି ଗୋଲବଜାରକୁ ଲୋକେ ହଜରହଜାର ଟଙ୍କାର ଖରିଦ କରିବା ପାଇଁ ଆସୁଥିବାରୁ ସେହି ଅଂଚଳରେ ପାର୍କିଂ ବାବଦକୁ ଫି ଆଦାୟ କରାଯିବାର ବ୍ୟବସ୍ଥା କରାଯାଇଥିବା କମିଶନର କହିଛନ୍ତି।

# ଜୟପୁରରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

ଜୟପୁର, ୦୯/୧୧ (ନି.ପ୍ର): ଜୟପୁରରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଏହି ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜି ଦିନ ୧୧ଟାରେ ଏହାର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରି ଜି. ଭେଙ୍କଟ ରେଡ୍ଡୀ ଉପସ୍ଥିତ ଥିଲେ । ଏହି ବିଜ୍ଞାନ ମେଳାରେ ଜୟପୁର ପୌରାଚଂଳ ଓ ବ୍ଲକର ୧୧୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ୭ଟି ବିଷୟକୁ ନେଇ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ବିଭାଗର ୭ଟି ପ୍ରକଳ୍ପ ଜିଲା ସ୍ତରିୟ ପ୍ରଦର୍ଶନି ପାଇଁ ଚୟନ ହୋଇଥିଲା । ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଡିଆଇଇଟିର ଅଧ୍ୟକ୍ଷ ରୁପ ଚାନ୍ଦ ସୋରେନ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, ଏବିଓ କୈଳାଶ ଚନ୍ଦ୍ର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ସଂଘର କର୍ମକର୍ତା, ସମସ୍ତ ଆଂଚଳିକ ସାଧନ କର୍ମୀ, ସରକାରି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# ଗାନ୍ଧୀ ଷ୍ଟାଡିୟମରେ ସି.କେ. ନାୟୁଡୁ କ୍ରିକେଟ୍ ଟ୍ରଫି ଉଦ୍‌ଘାଟିତ

ବଲାଙ୍ଗିର, ୦୯/୧୧ (ନି.ପ୍ର): ଓଡିଶା କ୍ରିକେଟ୍ ଏସୋସିଏସନ୍ ଓ ଜିଲ୍ଲା କ୍ରିଡା ସଂସଦର ମିଳିତ ଆନୁକୂଲ୍ୟରେ କର୍ଣ୍ଣେଲ ସି.କେ. ନାୟୁଡୁ କ୍ରିକେଟ୍ ଟ୍ରଫି ପ୍ରତିଯୋଗୀତା ଓଡିଶା ଏବଂ କର୍ଣ୍ଣାଟକ ମଧ୍ୟରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲଓ୍ୱାର ଯୋଗଦାନ କରି ଖେଳକୁ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । କ୍ରିଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା ଓ ସାଧାରଣ ସଂପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଆୟୋଜିତ ଉଦ୍‌ଘାଟନ ସମାରୋହରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହଲ୍ଲାଦ ଶତପଥି, କ୍ରିକେଟ୍ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତୃଘ୍ନ ସିଂହ ପ୍ରମୁଖ ମଂଚାସୀନ ଥିଲେ । ଅର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ମହିଳା କ୍ରିକେଟର ମାଧୁରୀ ମେହେଟ୍ଟା ଓ ରୋଶନାରା ପରୱିନ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଆଜି ପ୍ରଥମେ କର୍ଣ୍ଣାଟକ ଦଳ ବ୍ୟାଟିଂ କରି ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୬ ୱିକେଟ୍ ହରାଇ ୨୮୭ ରନ୍ ସଂଗ୍ରହ କରିଥିଲେ । ସଫଳ ବ୍ୟାଟସ୍‌ମ୍ୟାନ ଭାବରେ କର୍ଣ୍ଣାଟକର ଶିଖର ଚର୍ତୁବେଦୀ ୧୦୨ ରନ୍ ହର୍ସଲ ଧର୍ମାନୀ ୭୭ ରନ୍ ରାଜଭିର ୱାଦଭା ଅପରାଜିତ ୩୪ ରନ୍ ଓ ମନଭୁତ ଜୁମାରଲ ଅପରାଜିତ ୪୦ ରନ୍ ସଂଗ୍ରହ କରିଛନ୍ତି । ଓଡିଶା ଦଳ ତରଫରୁ ସଫଳ ବୋଲର ଭାବରେ ଆଶୁତୋଷ ମାରାଣ୍ଡି ତିନୋଟି, ବାଦଲ ବିଶ୍ୱାଲ ଓ ଆଶୁତୋଷ ମହାପାତ୍ର ଗୋଟିଏ ଲେଖାଁଏ ୱିକେଟ୍ ନେଇଥିଲେ । ଆସନ୍ତା କାଲି ସକାଳ ୯ଟାରୁ ପୁଣି ଖେଳ ଆରମ୍ଭ ହେବ ।

# ଚଣ୍ଡିଖୋଲରେ ଛଟ୍ ପର୍ବ ପାଳିତ

ଧର୍ମଶାଳା, ୦୯/୧୧ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ଚଣ୍ଡିଖୋଲରେ ଛଠ ପର୍ବ ବିହାରୀ ସମ୍ପ୍ରଦାୟର ମହିଳାମାନେ ପାଳନ କରିଛନ୍ତି । ବିହାରୀ ସମ୍ପ୍ରଦାୟର ଛଟ୍ ପର୍ବ ମୁଖ୍ୟ ପର୍ବ ହୋଇଥିବା ବେଳେ ଭକ୍ତମାନେ ଛଟମାୟାଙ୍କୁ ନୀତିକାନ୍ତିରେ ପାଳନ କରନ୍ତି । ବିଶେଷ କରି ଏହି ପୂଜା ୩ ଦିନ ଧରି ପାଳନ କରନ୍ତି । ପ୍ରଥମରୁ ନୀତିକାନ୍ତିରେ ମାଙ୍କୁ ପୂଜା, ଅର୍ପଣ, ଉପବାସ ସନ୍ଧ୍ରାରେ ସନ୍ଧ୍ୟ ଆଳତୀ, ପ୍ରାର୍ଥନା,ସମର୍ପଣ ପୂଜା ହେଉଥିବା ବେଳେ ସୂର୍ଯ୍ୟ ଦେବଙ୍କୁ ଅସ୍ତ ସମୟରେ ପୂଜନ କରି ରାତି ସାରା ମାଙ୍କ ଫଟୋ ନିକଟରେ ଉଜାଗର ରହିଥାନ୍ତି । ପର ଦିନ ସୂର୍ଯ୍ୟୋଦୟ ସମୟରେ ଉଟ ମାୟା ମନ୍ଦିରରେ ସମସ୍ତ ଉଷା ମାନସିକ ଧାରୀ ମାଆଙ୍କୁ ନୂତନ ବସ୍ତ୍ର ଫଳ ମୂଳ ସୋଲା ଅକ୍ଷ୍ୟତ ଅର୍ପଣ କରି ଧୂପଦ୍ୱୀପ ଦେଇ ଆଳତି କରନ୍ତି । ସର୍ଯ୍ୟଙ୍କ ଅର୍ଘ୍ୟ ପ୍ରଦାନ ପରେ ଉଷା ବ୍ରତ ଭାଙ୍ଗିଥାନ୍ତି । ଏହି ଓଷା କରିବା ଦ୍ୱାରା ସନ୍ତାନ ପ୍ରାପ୍ତି ସହ ଘରେ ଧନଧାନରେ ପରିପୂର୍ଣ୍ଣ ସହ କୌଣସି ବିପଦ ଆସି ନ ଥାଏ ବୋଲି ବିଶ୍ୱାସ ରହିଛି ।

ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୭୪

(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି ।

ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ମୁଁ କଣ କରିବି କୁହ ମାଆ । ରାବଣ ଯେ ମୋତେ ମାତାର ଆସନରେ ବସାଇ ସାରିଛି । ସେତୁବନ୍ଧ ପ୍ରତିଷ୍ଠା ଦିନରୁ ସେ ମୋତେ ମାଆ ରୂପରେ ଦେଖି ଆସୁଛି । ପ୍ରତ୍ୟେକଦିନ ପ୍ରଭାତରେ ଯୁଦ୍ଧ ଯାତ୍ରା ପୂର୍ବରୁ ରାବଣ ଛପିଛପି ଏ ଅଶୋକବନକୁ ଆସେ । ଦୂରରେ ଥାଇ ମୋତେ ପ୍ରଣାମ କରି କହେ, "ଆଜି ମୁଁ ଯୁଦ୍ଧ ଯାତ୍ରା କରୁଛି ଦେବୀ ସୀତେ । ତୁମ ସ୍ୱାମୀଙ୍କ ସହିତ ମୋର ଯୁଦ୍ଧ ହେବ । ଏ ଯୁଦ୍ଧର ଜୟ ପରାଜୟ ସବୁ ତୁମରି ହାତରେ ।" ଏହାକହି ସେ ମୋତେ ପ୍ରଣାମ କରି ଚାଲିଯାଏ । ଏବେ ତୁମେ କହ ମାଆ ତ୍ରିଜଟା, ରାବଣ ଯେତେବେଳେ ମୋତେ ମାଆ ବୋଲି କହି ପ୍ରଣାମ କରି ଯୁଦ୍ଧ ଯାତ୍ରା କରେ ସେତେବେଳେ ମୁଁ ତାକୁ ଆଶୀର୍ବାଦ ନରକନ୍ତି କେମିତି ? ମୋର ଆଶୀର୍ବାଦ ହିଁ ମୋ ରୂପ ନେଇ ତା ହୃଦୟରେ ବିଜେ କରୁଛି । ସେହି ସୀତାକୁ ଦେଖି ମୋ ସ୍ୱାମୀ ବ୍ରହ୍ମାସ୍ତ୍ରର ପ୍ରୟୋଗ କରିପାରୁ ନାହାନ୍ତି । ମୋ କଥା ଶୁଣି ମାଆ ତ୍ରିଜଟା ଆଶ୍ଚର୍ଯ୍ୟ ହୋଇ କହିଥିଲେ, ତାହେଲେ ସ୍ୱାମୀ ତୁମର ଠିକ୍ କହୁଥିଲେ ମାଆ ବୈଦେହୀ । ଏ ଯୁଦ୍ଧର ପରିମାପ୍ତି ହେବ ନାହିଁ । ଏମିତି ବର୍ଷ ବର୍ଷ ଧରି ଏ ଯୁଦ୍ଧ ଚାଲିଥିବ । ଆଉ ତୁମେ ଏ ଅଶୋକବନରେ ବନ୍ଦିନୀ ହୋଇ ରହିଥିବ।

ନାଁ ଚିତ୍କାର କରି ଉଠିଥିଲି ମୁଁ । ଏହା କେବେବି ସମ୍ଭବ ନୁହେଁ ।

ତାହେଲେ ଏ କ୍ଷେତ୍ରରେ କ'ଣ କରାଯିବ ?

ତୁମେ ଆଉ ଥରେ ମୋ ସ୍ୱାମୀଙ୍କ ପାଖକୁ ଯାଅ । ତାଙ୍କୁ ଯାଇ କହିବ ମୋ ପ୍ରଭୁ ଚାହିଁଲେ ସବୁ ସମ୍ଭବ ହୋଇପାରିବ ।

ସେ ପରା ମୋତେ କହିଲେ ସୀତା ଚାହିଁଲେ ସବୁ ସମ୍ଭବ ହେବ । ପୁଣି କେମିତି ଯାଇ କହିବି ସେ ଚାହିଁଲେ ସବୁ ସମ୍ଭବ ହେବ ବୋଲି । ଏ କଥାର ଅର୍ଥ କ'ଣ ?

ଏକଥାର ଅର୍ଥ ଏହି ଯେ, ଜଣେ ପତିବ୍ରତା ନାରୀ ନିକଟରେ ତା ସ୍ୱାମୀ ହିଁ ହେଉଛନ୍ତି ତା ପାଇଁ ସର୍ବସ୍ୱ । ନାରୀର ଧର୍ମ, କର୍ମ, ମାନ, ସମ୍ମାନ, ମନ, ପ୍ରାଣ ସବୁ ତା ପତି । ପତି ପାଇଁ ପତ୍ନୀ ସବୁକିଛି କରିପାରେ । ଖାଲି ବ୍ରତ, ଉପାସ, ଦେବ ଆରାଧନା ଦାନ ଧର୍ମ ନୁହେଁ ମାଆ, ପତ୍ନୀର କର୍ମ, ଧର୍ମ, ସେବା, ତ୍ୟାଗ, ନିଷ୍ଠା ହିଁ ପତିକୁ ଦୀର୍ଘାୟୁ କରିବା ସଂଗେସଂଗେ ପତିକୁ ସକଳ କର୍ମରେ ଜୟୀ କରାଇଥାଏ । ପତିଧର୍ମର ସାଥୀ ହେତୁ ସେ ଧର୍ମପତ୍ନୀ । ପତି କର୍ମର ସାଥୀ ହେତୁ ସେ ସହକର୍ମିଣୀ । ପତି ସୁଖ ଦୁଃଖର ସାଥୀ ପାଇଁ ସେ ପତି ସୋହାଗିନୀ । ଏ କଥା ମୋର ସ୍ୱାମୀ କ'ଣ ଜାଣନ୍ତି ନାହିଁ ? ଭର୍ତ୍ତା ପ୍ରସନ୍ନ ହେଲେ ସ୍ତ୍ରୀଙ୍କର ସକଳ ଦୁଃଖ ଦୂର ହୋଇଯାଏ ବୋଲି ମୋ ସ୍ୱାମୀ କ'ଣ ଜାଣନ୍ତି ନାହିଁ ? ଥରେ ସ୍ନେହରେ, ପ୍ରେମରେ, ଶ୍ରଦ୍ଧାରେ, ଭାବରେ ପତ୍ନୀର ନାମ ଧରି ଡାକିଦେଲେ, ପତ୍ନୀର ମସ୍ତକରେ ସପ୍ରେମର ହସ୍ତଟି ଥାପିଦେଲେ, ସେ ଜଗତକୁ ଭୁଲିଯାଏ ବୋଲି ? ସେ କ'ଣ ଜାଣନ୍ତି ନାହିଁ ସ୍ତ୍ରୀ ତା'ର ସ୍ନେହ, ପ୍ରେମ, ଶ୍ରଦ୍ଧା, ଭାବ, ଭକ୍ତି, ମମତାରେ ପୁତ୍ର, କନ୍ୟା, ପିତା, ମାତା, ଶାଶୁ, ଶଶୁର, ଜ୍ଞାତି, କୁଟୁମ୍ବ ସମସ୍ତଙ୍କୁ ବାନ୍ଧି ଦେଇପାରେ, ହେଲେ ସେହି ସ୍ତ୍ରୀ ସବୁକିଛି ଭୁଲିଯିବ ଯଦି ତା ସ୍ୱାମୀ ବିପଦରେ ପଡ଼ି ସ୍ତ୍ରୀକୁ ସ୍ମରଣ କରନ୍ତି । ଜଗତରେ ସମସ୍ତେ ପଛ ହୋଇଯିବେ ପୁତ୍ର, କନ୍ୟା ମଧ ପଛକୁ ଚାଲିଯିବେ, ସ୍ୱାମୀର ସ୍ନେହ, ପ୍ରେମ ବୋଳା ମଧୁର ଡାକରେ । ଆଗେ ଭର୍ତ୍ତା । ସେ ହର୍ତ୍ତା, କର୍ତ୍ତା, ଭାଗ୍ୟ ବିଧାତା । ପତ୍ନୀ ନିକଟରେ ଆଗ ପତି, ତାପରେ ପୁତ୍ରକନ୍ୟା, ପିତାମାତା । ଯାଅ ମାତା ତ୍ରିଜଟା ମୋ ସ୍ୱାମୀଙ୍କୁ କହିଦେବ, ରାବଣ ମୋତେ ମାତା ଭାବରେ ତା ହୃଦରେ ଧାରଣ କରିଛି । ସେ ଯେତେବେଳେ ମୋତେ ରାବଣର ହୃଦୟରେ ଦେଖୁଛନ୍ତି, ସେତେବେଳେ ଯଦି ଥରେ ମାତ୍ର ଦରଦଭରା କଣ୍ଠରେ, ଅଶ୍ରୁ ଛଳଛଳ ନେତ୍ରରେ, ଭାବ ଗଦଗଦ ଭରା ସ୍ନେହରେ, ଡାକିଦେବେ, "ସୀତେ ! ଆସ ପ୍ରାଣପ୍ରିୟେ ! ଏ ଘୋର ସଂକଟରୁ ମୋତେ ଉଦ୍ଧାର କର ।" ସେତେବେଳେ ସୀତା ଆଉ ରାବଣର ହୃଦୟରେ ନଥିବ ମା', ସେ ଆସି ଶ୍ରୀରାମଙ୍କ ପାଦତଳେ ମୁଣ୍ଡ ପାତି ଦେଇଥିବ । କୌଣସି ନାରୀ କ'ଣ ସ୍ୱାମୀର ବିପଦ ସମୟରେ, ସ୍ୱାମୀର ଅସହାୟ ଅବସ୍ଥାରେ, ସ୍ୱାମୀର ପକ୍ଷ ନନେଇ ପୁତ୍ର କନ୍ୟାଙ୍କ ପକ୍ଷ ନେଇପାରିବ ? ସେତେବେଳେ କ'ଣ ସେ ନାରୀ କହିପାରିବ ଏ ପୁତ୍ର ମୋର, ଏ କନ୍ୟା ମୋର, ସ୍ୱାମୀ ମୋର କେହି ନୁହଁନ୍ତି ? ବିପଦ ସମୟରେ କୌଣସି ସ୍ତ୍ରୀ କ'ଣ ପୁତ୍ର କନ୍ୟାଙ୍କ କଥାରେ ପଡ଼ି ସ୍ୱାମୀଙ୍କୁ ତ୍ୟାଗକରି ଦେଇଯାଇପାରେ ? ଯଦି କୌଣସି ନାରୀ ଏପରି କରେ, ତାହେଲେ ସେ ପତିବ୍ରତା, ପତି ସୋହାଗିନୀ ନୁହେଁ, ପତିଘାତିନୀ । ଯାଅ ମାତା ତ୍ରିଜଟା ମୋ ସ୍ୱାମୀଙ୍କୁ କହିଦେବ, ଯେଉଁଦିନ ସେ ସ୍ନେହ, ଶ୍ରଦ୍ଧାରେ ସୀତା ବୋଲି ମୋତେ ଥରେ ଡାକିଦେବେ, ସେହିଦିନ ରାବଣର ମୃତ୍ୟୁ ସୁନିଶ୍ଚିତ।

ଠିକ୍ ସେହିକଥା ହିଁ ହେଲା ସୁଧାମୟୀ । ମୋ କଥା ନେଇ ତ୍ରିଜଟା କେତେବେଳେ ମୋ ସ୍ୱାମୀଙ୍କ ନିକଟରେ ପହଞ୍ଚାଇ ଦେଇଥିଲେ ମୁଁ ଜାଣେନା । ତହିଁ ପରଦିନ ସନ୍ଧ୍ୟା ପୂର୍ବରୁ ଲଙ୍କା କଟକ ଜୟ ଶ୍ରୀରାମ ଚନ୍ଦ୍ର କି ଜୟ ଧ୍ୱନିରେ ମୁଖରିତ ହୋଇଉଠିଥିଲା । ପ୍ରତ୍ୟେକଦିନ ମୁଁ ଏହି ଜୟଧ୍ୱନିର ଶବ୍ଦ ଶୁଣେ ସୁଧାମୟୀ । ସେଦିନ କିନ୍ତୁ ଜୟଧ୍ୱନି ଏତେ ପ୍ରବଳ ଥିଲା ଯେ, ମୁଁ ନିଶ୍ଚିତ ହୋଇ ଯାଇଥିଲି, ଆଜି ବୋଧହୁଏ ମୋ ପ୍ରଭୁ ଶ୍ରୀରାମଙ୍କ ବିଜୟ ହୋଇଛି । ଦଶାନନ ପ୍ରଭୁଙ୍କ ଶରାଘାତରେ ମହାପ୍ରୟାଣ ଲାଭ କରିଛି ।

ମୋ ଆଶଙ୍କାକୁ ସତ୍ୟରେ ପରିଣତ କରାଇ ଦେଇଥିଲେ ମାତା ତ୍ରିଜଟା । ଧଇଁସଇଁ ହୋଇ ଧାଇଁଆସି ସେ ଖବର ଦେଇଥିଲେ, ମାଆ ଜାନକୀ ତପସ୍ୟା ତୁମର ସଫଳ ହୋଇଛି । ପ୍ରଭୁ ଶ୍ରୀରାମଙ୍କ ବାଣରେ ଲଙ୍କପତି ଆଜି ପ୍ରାଣ ତ୍ୟାଗ କରିଛନ୍ତି ।

ଏ ଖବର ଶୁଣି ଦମକାଏ ତତଲା ପବନ ମୋ ଛାତି ଥରାଇ ବାହାରି ଆସିଥିଲା । ଭୋ ଭୋ ହୋଇ ମୁଁ କାନ୍ଦି ପକାଇଥିଲି ।

ମୋତେ କାନ୍ଦୁଥିବାର ଦେଖି ତ୍ରିଜଟା ପ୍ରଶ୍ନ କରିଥିଲେ, ମାଆ ସୀତେ ରାବଣର ମୃତ୍ୟୁରେ ତୁମ ଚକ୍ଷୁରେ ଏତେ ଅଶ୍ରୁ କାହିଁକି ? ତୁମେ ତ ଆନନ୍ଦରେ ବିହ୍ୱଳିତ ହୋଇ ଉଠିବା କଥା ।

ତାଙ୍କ କଥା ଶୁଣି ମୁଁ କହିଥିଲି, ହଁ ମାଆ ତ୍ରିଜଟା ମୁଁ ଆନନ୍ଦରେ ଅସ୍ଥିର ହୋଇ ପଡୁଛି । ମୋ ସ୍ୱାମୀର ବିଜୟରେ ମୁଁ ଯେତିକି ଆନନ୍ଦିତ ଯେତିକି ବିହ୍ୱଳିତ ସେତିକି ଦୁଃଖିତ ଆଉ ମୁଁ କିଛି କହିପାରି ନଥିଲି । ମୋ ଚକ୍ଷୁରୁ ଅଶ୍ରୁ ପୋଛିଦେଇ ମାଆ ତ୍ରିଜଟା କହିଥିଲେ, ମାଆ ଲୋ ଯଦି ପ୍ରକୃତରେ ତୁ ରାବଣର ମୃତ୍ୟୁରେ ଆନନ୍ଦିତ, ତେବେ ତୋ ଚକ୍ଷୁରେ ଏତେ ଅଶ୍ରୁ କାହିଁକି ?

(କ୍ରମଶଃ)

❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଆଲୋଚନା

ସୁବ୍ରତ ପଟ୍ଟନାୟକ

# ନବୀନଙ୍କ ସୁରକ୍ଷା

ନବୀନଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅଧୁନା ବିଧାନସଭାରୁ ବିରୋଧୀ ଦଳ ନେତା । ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପାଇଥିଲେ 'ଜେଡ୍' ସୁରକ୍ଷା । ବର୍ତ୍ତମାନ ତାହା 'ୱାଇ' କାଟାଗୋରୀକୁ ଆସିଛି । ସେଥିଯୋଗୁ ବିଜେଡିର କେତେକ ନେତା ଓ ମୁଖପାତ୍ର ଖୁବ୍ଧ। ସେମାନଙ୍କର ଯୁକ୍ତି ଅତୀତରେ ନବୀନ ନିରବଚ୍ଛିନ୍ନ ୨୫ବର୍ଷ ମୁଖ୍ୟମନ୍ତ୍ରୀ ଥିବାରୁ, ଏବେ 'ଜେଡ୍' ସୁରକ୍ଷା ପାଇବା ହକ୍‌ଦାର । ମୋହନ ମାଝୀ ସରକାର ଉଦ୍ଦେଶ୍ୟମୂଳକ ଭାବେ ନବୀନଙ୍କ ସୁରକ୍ଷାକୁ କ୍ଷୁର୍ଣ୍ଣ କରୁଥିବା ସେମାନେ ଅଭିଯୋଗ କରୁଛନ୍ତି ।

'ଜେଡ୍' ସୁରକ୍ଷା ବ୍ୟବସ୍ଥା କଣ ? ଏହି ସୁରକ୍ଷା ପାଉଥିବା ବ୍ୟକ୍ତିଙ୍କ ଦେହରକ୍ଷୀ, ବାସଭବନ ଚାରିପଟେ ଓ ଗସ୍ତ କାଳରେ ପ୍ରାୟ ଦୁଇଶହ ସଶସ୍ତ୍ର ବାହିନୀ ପାଳିକରି ମୁତୟନ ରହିବେ । 'ଜେଡ୍' ସୁରକ୍ଷାରେ ଥିବା ବ୍ୟକ୍ତିଙ୍କ ଚାରିପଟେ ଅତି କମ୍‌ରେ ୨୨ଜଣ ସଶସ୍ତ୍ର ପୁଲିସ ଘେରି ରହିବେ। ସେଥି ମଧ୍ୟରେ ୨ଜଣ ପିଏସଓ ବା ବ୍ୟକ୍ତିଗତ ସୁରକ୍ଷା ଅଫିସର ଅନ୍ତର୍ଭୁକ୍ତ । ଚଳିତ ବିଧାନସଭା ନିର୍ବାଚନରେ ବିଜେଡି ସରକାର କ୍ଷମତା ହରାଇବା ପରେ ସୁରକ୍ଷା କର୍ମଚାରୀଙ୍କ ସଂଖ୍ୟା ୨ଶହରୁ ୪୫କୁ କମା ଯାଇଥିଲା । ଏବେ ନବୀନଙ୍କ ସୁରକ୍ଷାକୁ 'ୱାଇ' କାଟାଗୋରୀକୁ ଅଣାଯାଇଛି । ଏହି ସୁରକ୍ଷାରେ ମାତ୍ର ଦଶ, ଏଗାର ଜଣ ସୁରକ୍ଷା କର୍ମୀ ଯୋଗାଯାଏ ।

ପୁଲିସ ଡିଜି ୱାଇ ବି ଖୁରାନିଆ ସ୍ପଷ୍ଟ କରିଛନ୍ତି- ଗୃହ ବିଭାଗ ସୁରକ୍ଷା କମିଟିର ନିଷ୍ପତ୍ତି କ୍ରମେ ନବୀନଙ୍କ ସୁରକ୍ଷା କରାଯାଉଛି । ନବୀନ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଯେଉଁ ଦୁଇଜଣ ପିଏସଓ ତାଙ୍କ ପାଇଁ ନିୟୋଜିତ ଥିଲେ, ସେମାନେ ଅବସର ପରେ ବି ଦାୟିତ୍ୱ ତୁଲାଉଛନ୍ତି । ଆବଶ୍ୟକ ସ୍ଥଳେ ନବୀନ ଚାହିଁଲେ, ତାଙ୍କୁ ଅଧିକ ପୁଲିସ ଯୋଗା ଯାଇପାରେ । ସାଧାରଣ ନିର୍ବାଚନ କିଛି ମାସ ପୂର୍ବରୁ ନବୀନ ନିଜ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦ୍ୱିରିତ୍ୱ ସଶସ୍ତ୍ର ବାହିନୀ ଗଠନ କରିଥିଲେ । ତାକୁ ବିଜେପି ସରକାର ହଟାଇ ଦେଇଛି । ପୁଲିସ ଡିଜି ଖୁରାନିଆଙ୍କ ମତାମତ ପରେ ବି ବିଜେଡି ନେତାଏ ଅସନ୍ତୁଷ୍ଟ ।

ଏକ ପ୍ରଶ୍ନ ହେଉଛି- ବିରୋଧୀ ଦଳ ନେତାଙ୍କୁ 'ଜେଡ୍' ସୁରକ୍ଷା ବାଧ୍ୟତାମୂଳକ କି ? ସେଭଳି କଡ଼ାକଡ଼ି ନିୟମ ରହିଛି କି ? ସାଧାରଣତଃ ବିରୋଧୀ ଦଳ ନେତାଙ୍କୁ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଙ୍କ ସମସ୍ତ ସୁବିଧା ସୁଯୋଗ ଦିଆଯାଏ । ସରକାରୀ ବଙ୍ଗଳା, ନାଲିବତି କାର୍ ଓ ପୁଲିସ ଏସକର୍ଟ ଆଦି ପାଇବେ । ନବୀନଙ୍କୁ ଏବେ ବି ସେଥିରେ ହେଳା କରାଯାଇନାହିଁ ।

ଚଳିତ ଦଶହରା ପୂଜା ସମୟରେ ମୋହନ ଓ ନବୀନ ପୃଥକ ଭାବେ କଟକ ଓ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ବୁଲିଥିଲେ । ଜନତାଙ୍କ ଭିଡ଼ରେ ବି ନବୀନ ସାମାନ୍ୟ ଅସୁବିଧା ଭୋଗି ନଥିଲେ। ଏଥିରେ ବିଜେଡି ସୁପ୍ରିମୋ ଓ ଓଡ଼ିଶାବାସୀ ଖୁବ୍ ଖୁସିଥିଲେ । ପୁଲିସ ବଳୟଟି ପ୍ରକୃତରେ ଅନ୍ତରାୟ ସୃଷ୍ଟି କରୁଥିଲା କି ନା, ତାହା ଦେଖଣାହାରି କହିବେ । ବିଜେଡି ନେତାଙ୍କ ସାର୍ଟିଫିକେଟ ଅନାବଶ୍ୟକ।

ତେବେ, ଏହି ନେତାଗଣ ଯେଉଁ ଅଭିଯୋଗ ବାଢ଼ୁଛନ୍ତି, ସେଥିରେ ସମାନତା ଆସୁନାହିଁ । ଦଳେ କହୁଛନ୍ତି- ମୁଖ୍ୟମନ୍ତ୍ରୀ ପଦ ହରାଇ ମଧ ନବୀନଙ୍କ ଲୋକପ୍ରିୟତା ଆକାଶଛୁଆଁ । ଆଉ ଦଳ କହୁଛନ୍ତି- ସୁପ୍ରିମୋଙ୍କ ଜୀବନ ପ୍ରତି ବଡ଼ ବିପଦ । ଏହି ଦୁଇଟି କଥାରୁ କେଉଁଟା ଠିକ୍ । ଯଦି ନିର୍ବାଚନରେ ହାରିବା ପରେ ତାଙ୍କ ଲୋକପ୍ରିୟତା ବଢୁଛି, ତାହେଲେ ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କାହିଁକି ? ଭଗବାନ କରନ୍ତୁ- ନବୀନଙ୍କ ଜୀବନ ପ୍ରତି ବାଣ୍ଟିଥାଏ ବିପଦ ନଆସୁ । ମାତ୍ର, ଯଦି ଆସେ, ସେଥିରେ ମୋହନ ମାଝୀ ସରକାର ଉତ୍ତରଦାୟୀ ରହିବେ । କେବଳ ଏକୁଟିଆ ନବୀନଙ୍କର ନୁହେଁ, ସମସ୍ତ ବିରୋଧୀ ସଦସ୍ୟଙ୍କର ସୁରକ୍ଷା ଦାୟିତ୍ୱ ସରକାରଙ୍କର । ନିୟମ ଅନୁଯାୟୀ ଅନୁପାଳନ କରାଯାଉଛି । ଯଦି ସେଥିରେ କୌଣସି ତ୍ରୁଟି କିମ୍ବା ବ୍ୟତିକ୍ରମ ରହିଥାଏ ତାହେଲେ ସେମାନେ ଗୃହ ବିଭାଗକୁ ତୁରନ୍ତ ଜଣାଇ ପାରିବେ । ନବୀନ ପଟ୍ଟନାୟକ ନିଜ ସୁରକ୍ଷା ପାଇଁ ସରକାରଙ୍କଠାରୁ 'ଜେଡ୍' ସୁରକ୍ଷା ଲୋଡିଛନ୍ତି କି ? ଏ ପ୍ରଶ୍ନଟି ସବା ଆଗ ସ୍ପଷ୍ଟ ହେବା ଦରକାର। ନବୀନ ପ୍ରାୟ ୨୪ବର୍ଷ କାଳ ନିରବଚ୍ଛିନ୍ନ ମୁଖ୍ୟମନ୍ତ୍ରୀ ପଦରେ ଥିଲେ । ତାଙ୍କ ସମୟରେ ନରସିଂହ ମିଶ୍ର, ଭୂପିନ୍ଦର ସିଂହ, ପ୍ରଦୀପ ନାୟକ, ଜୟନାରାୟଣ ମିଶ୍ର ପ୍ରମୁଖ ବିରୋଧୀ ଦଳ ନେତା ପଦରେ ଥିଲେ । ସେମାନଙ୍କୁ ନବୀନ 'ଜେଡ୍' ସୁରକ୍ଷା ଦେଇଥିଲେ କି? ଏହି ମୁକ୍ତବୃତ୍ତ ସ୍ତମ୍ଭକାର ବିଜେଡିର କେତେକ ତୁଙ୍ଗ ନେତାଙ୍କୁ ସମାନ ପ୍ରଶ୍ନଟି ପଚାରିବାରୁ ଉତ୍ତର ମିଳିଲା- ପୂର୍ବରୁ ଉପରୋକ୍ତ ନେତାଗଣ ମୁଖ୍ୟମନ୍ତ୍ରୀ ଆସନରେ ବସି ନଥିଲେ । ଏ ଉତ୍ତରଟି କେତେ ଯୁକ୍ତିଯୁକ୍ତ ? ଆମେ ମନେ ପକାଇ ଦେବାକୁ ଚାହୁଁ, ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟ ବିରୋଧୀ ଦଳ ନେତା ଥିଲେ । ତାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ 'ଜେଡ୍' ସୁରକ୍ଷା ବନ୍ଦୋବସ୍ତ କରିଥିଲେ କି ? ସବୁ ପ୍ରଶ୍ନର ସରଳ ଉତ୍ତର - ନା ।

ନବୀନଙ୍କ ପିତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରାୟ ୨୫ ବର୍ଷ ଧରି ବିରୋଧୀ ଦଳ ନେତା ପଦରେ ଥିଲେ । ବିନା ସୁରକ୍ଷାରେ ସେ ପୁରୁଣା ଷ୍ଟେସନ ୱାଗନ 'କଳିଙ୍ଗ ରଥ'ରେ ବସି ସାରା ଓଡ଼ିଶା ବୁଲୁଥିଲେ । ସେ କେବେ ବି 'ଜେଡ୍' ସୁରକ୍ଷା ଦାବି କରିନଥିଲେ । ଜଣେ ସୁଦକ୍ଷ ପାଇଲଟ୍ ସାଇକେଲ୍ ଚଢ଼ି ବିଧାନସଭାକୁ ଯାଇ 'ବିରଳ ଉଦାହରଣ' ସୃଷ୍ଟି କରିଥିଲେ । ନବୀନ ପଟ୍ଟନାୟକ ଥରୁଟିଏ ସ୍କୁଟିରେ ବସି ବିଧାନସଭା ଆସି ପାରିଲେ ନାହିଁ । 'ଜେଡ୍' ସୁରକ୍ଷାରେ ବିତିଗଲା ତାଙ୍କର ରାଜନୈତିକ ଜୀବନ । ବିଜୁ ଓ ନବୀନଙ୍କ ମଧ୍ୟରେ ଫରକ୍ ଅନେକ । ଜଣେ କଳିଙ୍ଗର ମୁକୁଟ ବିହୀନ ସମ୍ରାଟ । ଆଉ ଜଣେ ଓଡ଼ିଆ ନଜାଣି ବି, ଓଡ଼ିଶାର ରେକର୍ଡ ମୁଖ୍ୟମନ୍ତ୍ରୀ । ଧନ୍ୟ କହିବ ଆଜି ଏତିକି । ଜୟ ଜଗନ୍ନାଥ ।

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୪୨୪୪

## କବିତା...

## ॥ ରାବଣ ପୋଡି ॥

ମାନିନୀ ମିଶ୍ର



॥ ଦୃଶ୍ୟ-୧ ॥

ରାବଣର ହସ
ଆଉ ସର୍କାର ପଚାରୁଛି
ଦେଖା ଆଧାର କାର୍ଡ, ପଡି କାର୍ଡ
ନ ହେଲେ ଜନ୍ମ କି ମୃତ୍ୟୁର ପ୍ରମାଣପତ୍ର ।

ହସୁଛି ରାବଣର ଭୋକ
ଭେକ ନ ଥିଲେ କିଏ ଦିଏ ଭିକ
ସର୍କାରିଆ ସପନ ଦେଖାରେ
ଲାଗିଲାଣି ଚାଳିଶିଆ
ଚାରିଡିସିମିଲ ଜମି ଉପରେ
କରିପାରିନି ଆବାସ ଯୋଜନାର
ସିମେଣ୍ଟ ର ରାସ୍ତା କି ପାଣି ଆଜିଯାଏ
ମାଡି ପାରିନି ରାବଣର ଘର
ପରିମଳ ଯୋଜନା ମିଳିଛି
ହେଲେ ହାତିକିଆ ଛପର
ପୁରେଇ ପାରୁନି ରାବଣ
ତାର ଦଶାନର୍ନି ଆ ମୁଣ୍ଡ ।

॥ ମାଇକ୍ରୋଫୋନର ରଡି ॥

ତିନିଦିନ ହେଲା ପ୍ରଚାର
ବୁଡେଇ ଦେବେ ତାର ଥଳ କୂଳ
ଆସିବ ସତ୍ୟଯୁଗ

ଆସ ଆସ ହୋ ମାଁ, ମାଉସୀ,
ଦାଦା, ଖୁଡି
ଗୁପଚୁପ, ଚାଟ, ସ୍ପ୍ରିଂ ରୋଲ ଠେଲା
ରାବଣ ପୋଡିରେ ଖଚାଖଚ ଭିଡ

ରାବଣର ଡ୍ରେସ କନା ସିଲେ ଇ
ମେସିନରେ
ରାବଣ ମାରୁଛି ହାଇ,
ବୋଲୁଛି ଦେହରେ ରଙ୍ଗ

ବଡ ଲେହେଟି ଦୋଳିରୁ
କାନ୍ଦି କାନ୍ଦି ଛିଟକି ପଡିଲେଣି
ରାମ, ଲଖଣ, ହନୁମାନ
ଲାଞ୍ଜ ଚିପକେଇ
ପୁଳାଏ ଶିଶୁ, ଧରେଇ ଦିଅ
ସବୁ ହାତରେ ଲଲିପପ

ଏବେ ରାବଣର ଶୁଭୁଛି କୁହାଟ
ଝଲସୁଛି ମେଦିନିପୁର
କହୁଛି ରାବଣ ମରଣ
କେତେ ଥର ପାଳିବ ?
ମରଣର ନାଟକ ବି
ମଜାଳିଆ ଛୁଆ ଖେଳ !

ଆଡମ୍ବର ଡମର
ରାବଣିଆ ଟିମର, ଦି ଦିନର ଦାନା
ଫ୍ରି ରେ, ରଙ୍ଗବତୀ ନାଚ
ଆତସବାଜିର ଝଲଝଲ
ବ୍ରାହ୍ମଣ ଶ୍ରେଷ୍ଠ ରାବଣ
ଆଉ ନାହିଁ ସେ କାଳ
ରାବଣ ଆର୍ଯ୍ୟ ନା ଅନାର୍ଯ୍ୟ ?
ରାବଣ ଲଙ୍କାର ରାଜା
ନା ପଣ୍ଡିତ ଶ୍ରେଷ୍ଠ ଓମ,
କୁହେ ପୂଜା ଧଜା ପଛ କଥା
ରାବଣ ସୋଲରେ ଛିଡା ଗୋଟିଏ ଛାଇ
ଆଉ କିଛି ଝିକ ମିକ ଆଲୁଅ !

ବଡ ଦମ ଏ ରାବଣର ଛୁ ନ ମାରି
ସୋ ଷ୍ଟପର ପରି ଛିଡାହୋଇଛି
ଗୋଟିଏ ବାଉଁଶ ବତା,
ତାମସା ଲଗେଇଛି
ମନେ ମନେ ଆତ୍ମଘୋଷିତ ନାୟକ !

॥ ହସୁଛି ରାବଣ ॥

ଚାନ୍ଦା ଠୁଲରେ ମାତିଛି
ନେତାଙ୍କ ପୋତା ପଇସା କାଢୁଛି
ହସୁଛି ପୋଡାହେଉଛି, ଫାଟୁଛି ଢୋ ଢା
ମାଟି ଦୁଲକୁଛି, ମାନ୍ଦଳ ଝୁଲେଇ
ଗିନି, ଖଞ୍ଜଣି ବାଜୁଛି ଝୁନ ଝୁନ

ଧର୍ମ ବନ୍ଧା ଶିକୁଳିରେ
ଚାଲିଛି, ଧର୍ମ ପାଳକଙ୍କ
ମଣିଷର ନଖ ଉପୁଡା
ଶହ ଶହ ଫୁଟର ରାବଣ
ପାଉଁଶ ପାଲଟି ଢଳି ପଡୁଛି
ଅଥଚ ଧର୍ଷଣ ଆଉ ବଳାତ୍କାର ପିଡିତ
ଅନ୍ଧାର ଆଉ ଜହ୍ନ
ଅଥଚ ଗାଁର ଝିଅ ସତୀ ଆତ୍ମହତ୍ୟା ପାଇଁ
ଅଣ୍ଡାଳୁଛି ଅଡେଇ ଫୁଟର ରସି

ଉଜୁଡି ଗଲାଣି
ରାମ ବେଶ ଧାରି ମୁଣ୍ଡରେ ଭିଡା
ଜୋର ଜବରଦସ୍ତ ନକଲି ଜଟ
ଝାଳନାଳ ଦେହର ନୀଳରଙ୍ଗ
ଜଳୁଛି ସଂସାର, ଦେଶ, ମଣିଷ ପଣିଆ
ଜଳୁଛି ଚାନ୍ଦା ଟଙ୍କା ,ଚାଇନା ଫଟକା
ଏତକ ହିଁ ଆଜିର ପ୍ରସଙ୍ଗ
ଏ ଯାତ୍ରାର ଆରମ୍ଭ ନାହିଁ ନା ଅଛି ଶେଷ
ପଚାରନା ଆୟ ଆଉ ବ୍ୟୟ ଅଟକଳ

ରାବଣ ଏବେ ଖୋଲି ସାରିଲାଣି
ରାବଣିଆ ମୁଣ୍ଡ,
ଆଉ ରାବଣର ପିଛା କରନା ହୋ
ଠୁଙ୍କାପୁରି ଖାଇ
ନିଜ ନିଜ ଘରକୁ ଫେର
ଭୋକ ହିଁ ଆଜିର ଧ୍ରୁବ ସତ୍ୟ ।

ରାସନକାର୍ଡ ଧାଡିରେ
କାଳିଆ ଆଉ ସୁଭଦ୍ରା ତ ଛିଡା ରାତି ଅଧରୁ
ଆଜି ରଙ୍ଗ ଧୋଇ ଆସିଗଲେଣି କାଲିର,
ରାମ, ରାବଣ, ହନୁମାନ
ଗଣତନ୍ତ୍ରକୁ ଏଇଠି ଉଜେଇ ଦିଅ ।

❤ ଭୁବନେଶ୍ୱର
(ମୋ)୮୨୪୯୩୪୨୩୪୬





## ॥ ଦଇବ ଦଉଡ଼ି ॥

ରତ୍ନାକର ରାଉତ

ଜୀବନ ଯିଏ ଦେଇଛି
ସେ ଲେଖିଛି ଜୀବନର ଖସଡ଼ା ।
ଦଇବ ଦଉଡ଼ି ମଣିଷ ଗାଇ
ଯେଣିକି ଓଟାରି ସେଣିକି ଯାଇ
ନିଜ ହାତରେ କଣ ଅଛି
ସବୁ ଶକ୍ତି ଓ ସାମର୍ଥ୍ୟ ତ
ତା ଦିଆ ହୁଆ କୃପା
ସେ ଯେଉଁ ଦିଗରେ ମୁହାଁଉଛି
ସିଆଡ଼େ ଚାଲିବାକୁ ପଡୁଛି ।
ପିମ୍ପୁଡ଼ିକୁ ଯିଏ ଦାନା ଦେଉଛି
ସେ ମଧ୍ୟ ମଣିଷକୁ ଦେଉଛି
କେବଳ ତରିକା ଭିନ୍ନ
ଥରେ ବୁଝିଗଲେ ଏ ଭେଦ
ଆଉ ନଥାଏ କିଛି ପ୍ରମାଦ
ସେ ଆଣିଛି ସଂସାରକୁ ସଭିଙ୍କୁ
ଗୋଟେ ଉଦ୍ଦେଶ୍ୟରେ
ତାହାକୁ କାର୍ଯ୍ୟାନ୍ୱୟନ କରଉଛି ପ୍ରଚ୍ଛନ୍ନରୁ
କେବଳ ଶାନ୍ତମନରେ ସେହି ନିର୍ଦ୍ଦେଶକୁ
ପାଳନ କରିବା ଜୀବନର ଧର୍ମ ।

କିନ୍ତୁ ଦୁନିଆର ଚାକଚକ୍ୟରେ
ସକଳେ ମାୟାରେ ବାୟା
ଭାବୁଛନ୍ତି ସେମାନେ ଖୁବ୍ ବୁଦ୍ଧିମାନ
ତେଣୁ ପାରିବାର
ସେ ନିମନ୍ତେ କାମିୟାବ
ଭୁଲିଯାଉଛନ୍ତି ସେମାନେ ସଭିଏଁ,
ମୁହୂର୍ତ୍ତକେ ସବୁ ଅନ୍ଧକାର
ଘନଘୋର ଅନ୍ଧକାର
ସବୁ ଶୂନ୍ୟ ମହାଶୂନ୍ୟ
ନା ଜୀବନ ନା ସ୍ଥିତି ନା ସଂବିତ
ସବୁ କାଳ ବୁକୁରେ ଲୀନ।

❤ ଭୁବନେଶ୍ୱର
(ମୋ)୯୪୩୭୩୮୨୨୮୧

## ॥ କାଗଜଡଙ୍ଗାର ଶୋକ ॥

ପୂର୍ଣ୍ଣ ଦାସ



ପ୍ରେମ ପାଟବିଲ ଚୁବୁକା ପାଣିରେ
କଇଁର କଅଁଳ ହସ,
ପ୍ରେମ ଶଙ୍ଖଚିଲ କ୍ଳାନ୍ତ ଡେଣାରେ
ମହୁ ମୁହାଣର ଶୋଷ ।

ପ୍ରେମ ଆକାଶର ନୀଳ ନୀରବତା
ଦରିଆର ଛାପାକୋହ,
ପ୍ରେମ ଚାହାଣିର ଅସରା କାହାଣୀ
ନିତି ଯାରେ ଧୁଏ ଲୁହ ।

ପ୍ରେମ କଇଶୋର କାଗଜଡଙ୍ଗାର
କଉତୁକେ ଲେଖା ନାଆଁ,
ପ୍ରେମ ଗୋହିରିର କେତକୀ ବାସରେ
ଅଚିହ୍ନା ପ୍ରେମିକା ଗାଆଁ ।

ପ୍ରେମ ଇମିତିକା ଝରକାଟିଏ ଲୋ
ବୁଜିଦେଲେ ସବୁ ଦିଶେ,
ଜହ୍ନ ଜହ୍ନିଫୁଲ ଜହ୍ନରାତି ସାଥେ
ଅନ୍ଧାର ତନୁ ବାସେ ।

ପ୍ରେମ ତମ ଚୂର୍ଣ୍ଣକୁନ୍ତଳ ଛୁଆଁ
ଟିପିଟିପି ଝାଳ ମୋତି,
ପ୍ରେମ ଚିବୁକର କଳାଜାଇ ଦେହେ
ହଜିଲା ଦିନର ସ୍ମୃତି ।

ପ୍ରେମ ଅଲିଅଳ ଛାଇଛୁଆଁ ଏକ
ଛଳଛଳ ଖାରବେଳ,
ପ୍ରେମ ଗୋଧୂଳିର ଗେରୁଆ ରଙ୍ଗରେ
ନୀଡ଼ଫେରା କଳରୋଳ ।

ପ୍ରେମ ନବବଧୂ ପାଦ ଅଳତାରେ
ପାଉଁଜିର ମିଠା ଚୁମା,
ପ୍ରେମ ଦେହମଖା ହଳଦୀମଲୁଖ
ମହକରେ ସ୍ମୃତି ଜମା ।

❤ କଣ୍ଟାବଣିଆ,ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର - ୭୫୫୦୧୩
(ମୋ) ୯୩୩୭୫ ୪୮୮୯୩

## ॥ ବାଦଲର ଭିଡ ॥

ବାବାଜୀ ଚରଣ ଜେନା



ଆକାଶରେ ଆଜି ବାଦଲର ଭିଡ ତଳେ ଖରାଛାଇ ଖେଳ
ଘଡିଘଡି ପୁଣି ବଦଳେସେ ରୂପ ଝରେ ବରଷାର ଧାର
ହାରିବା ଜିତିବା ବଡ଼ କଥା ନୁହେଁ ଲଢ଼ିବା ଲୋକତ ବଡ଼
ବେଳେବେଳେ ଏଠି ଅସମାହିତ ପ୍ରଶ୍ନ ଲଗାନ୍ତି ଅଯଥା ଭିଡ।

କିଛି କିଛି କଥା ମନ ତଳେ ରହି ଜାଳୁଥାନ୍ତି ବାରମ୍ବାର
ସୀମାରେଖା ଏଠି ଘୁଞ୍ଚିଘୁଞ୍ଚି ଯାଏ ଭାଙ୍ଗି ଦେଇ ମନୋବଳ
ଅଧା ଲେଖା ଗୀତ ପୁରା ହୁଏନାହିଁ ସରେ ସମୟର କଣ୍ଟ
ଚାହିଁ ବାକୁ ହୁଏ ସେଇ ଶବ୍ଦ ଟିକୁ ଚିହ୍ନାଇ ଥିଲାଯେ ବାଟ

ଲମ୍ବିଲମ୍ବି ଯାଏ ଏଇ ରାତି ଆଜି ବିବାଦକୁ ଲଦି ଦେଇ
ମନୋଭାବନାକୁ ବୁଝେ ନାହିଁ ଜମା ଏଡ଼େ ନିରିଦୟ ସେଇ
ଆପଣାର ଲୋକ ଧୋକା ଦିଏ ଯଦି କହିକିଛି ହୁଏ ନାହିଁ
ଲୁଚିଲୁଚି ଏଠି କାନ୍ଦିବାକୁ ହୁଏ ସେଇ କଥା ଭାଳି ହୋଇ

ସବୁ ପ୍ରଶ୍ନର ତ ଉତ୍ତର ଖୋଜିଲେ ଆହାତ ହୁଅଇ ମନ
ଚିନ୍ତାର ବୋଝକୁ ମୁଣ୍ଡେଇ ମୁଣ୍ଡେଇ କାଟିବାକୁ ହୁଏ ଦିନ।

❤ ଅହଲ୍ୟା ନିବାସ,
ପୋପରଡା, ନୂଆବଜାର
କଟକ-୪
ମୋ- ୯୪୩୭୮୩୪୭୧୯

# ସମ୍ମାନ ଓ ପୁରସ୍କାର ଗ୍ରହଣ କଲେ ନିଜ ଭିତରେ ସାମାଜିକ ଦାୟିତ୍ୱବୋଧ ବଢେ : ପିନାକୀ ମିଶ୍ର

**ପିନାକୀ ମିଶ୍ର** ଓଡିଆ କବିତା ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଶବ୍ଦରେ ଶବ୍ଦରେ ସେ ବଖାଣି ପାରନ୍ତି ପ୍ରକୃତିର ମଧୁରତା, ବାଣ୍ଟିପାରନ୍ତି ପ୍ରେମର କସ୍ତୁରୀ ମହକ । ବାଟହୁଡା ପାଦକୁ ସଳଖେଇ, କାବ୍ୟିକ ଚେତନା ଓ ଜୀବନର ବିଦଗ୍ଧ ଅନୁଭବକୁ ନେଇ ନିଜ ସୃଷ୍ଟି ସମୂହକୁ ସେ କରିପାରନ୍ତି ପ୍ରାଣବନ୍ତ । ମଣିଷ ଜୀବନର ଜୀଜିବିଷା ହିଁ ତାଙ୍କ କବିତ୍ୱର ବୈଶିଷ୍ଟ୍ୟ । ତାଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ କବିତା ଆନନ୍ଦ ପାଇଁ । ଏ ବିଭୂଦତ୍ତ , ଶୂନ୍ୟରୁ ଝରିପଡେ । ଅନୁଭବରୁ କବିତାର ଉନ୍ମେଷ । ଭାବ ଅନ୍ତର ଭିତରେ ପଶେ, ଛାତି ରଗରଗ ରୁନ୍ଧିହୁଏ । ଶବ୍ଦମାନେ କବାଟଖୋଲି ପଟୁଆରରେ ପଶନ୍ତି । ମନରେ ଅମାପ ଆବେଗ । ଆଉ ଡେରି ନାହିଁ, ଉତୁରି ପଡେ କବିତା, ବାହାରେ କ'ଣ ଘଟୁଛି ଜଣା ପଡେନି । କବିତା ଅଛି ତ ଜୀବନ ଅଛି ବୋଲି ମୁଁ ଭାବେ । କବିତା ଦ୍ରୋହ କରେ, ମୁକ୍ତି ମଶାଲ ଜାଳେ, ବେଡି ଫିଟେଇବାର ମନ୍ତ୍ର ପାଲଟେ । କବିତା ସମ୍ଭାବନାର କୁଆଁରୀବଉଳ, ଆଶାର ସଂଜିବନୀ, କବିତା ସମାଜକୁ ସୁଧାରିବାର ସର୍ତ୍ତ ରଖେ, କବିତା ପଡୋଶୀଦାଣ୍ଡରେ ବନ୍ଧୁତା ବଢାଏ, କବିତା ପ୍ରେମର ସୋରିଷ ପଥ ଦେଖାଏ, ଯାହା ପରମ ସନ୍ଧାନ ଆଡକୁ ଡାକିନେବ । କବିତା କୋମଳ , ଛନ୍ଦାୟିତ, ସ୍ନିଗ୍ଧ ଚାହାଣି, କବିତା ଆଗାମୀଦିନର ଭାଇଚାରା ଲାଗି ଶୁଦ୍ଧ ଆମନ୍ତ୍ରଣ । ପ୍ରଥମ କବିତା 'ମଥାମଣି', ଉତ୍କଳମଣି ଗୋପବନ୍ଧୁଙ୍କର ଜୟନ୍ତୀରେ ଲେଖି ଆବୃତ୍ତି କରିଥିଲି ଓଡ଼ିଶାର ଅଗ୍ରଣୀ ଅନୁଷ୍ଠାନ କେନ୍ଦୁଝର ମିଳନୀ ସାହିତ୍ୟ ସଂସଦରେ, ୧୯୮୪ ମସିହାରେ । ବାପା ପଣ୍ଡିତ ମଦନ ମୋହନ ମିଶ୍ର ସେତେବେଳେ ମିଳନୀର ସଭାପତି ତଥା ପ୍ରତିଷ୍ଠାତା ଥିଲେ । ଛୋଟବେଳୁ ମୋ ସାହିତ୍ୟ ପଢାବହିର ପଦ୍ୟସବୁ ପଢି ବିଭୋର ହେଉଥିଲି । ଖରାଛୁଟି ସାରା ପୁରୁଣାଘର ଛାତ ଉପରେ କାଗଜ ଚୁଙ୍ଗା କରି ବଡପାଟିରେ କବିତା ସବୁ ବୋଲୁଥିଲି । କାହା ନିଦ ଭାଙ୍ଗିଗଲେ ଗାଳି ଖାଉଥିଲି । ଗାନ୍ଧାରୀର ଆଶୀର୍ବାଦ, କୋଣାର୍କ, କାଳିଜାଈରେ ସନ୍ଧ୍ୟା, ଦେଲୁ ମୋତେ ମହାଶିକ୍ଷା , ପୃଥିବୀ ପ୍ରତି , ଉଠ କଙ୍କାଳ, ପଦ୍ମ, ଶେଫାଳି ପ୍ରତି ଆଦି କବିତା ମୋ ଜୀବନକୁ କବିତାମୟ କରିଦେଲା ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସ୍କୁଲ୍ ବେଳର କବିତାଗୁଡିକ ହିଁ ମୋର ଆଦ୍ୟ ପ୍ରେରଣା । ପାଠ୍ୟ ପୁସ୍ତକ ଅନ୍ତର୍ଗତ କବିତାର କବିମାନଙ୍କୁ ପ୍ରଭାତ ପ୍ରଣାମ । ଗୁରୁ ତ କବିତା ଦେଲାବାଲା ପରମ କାରୁଣିକ, କବିତା ଜନନୀ ସେ ଦିବ୍ୟଜନନୀ । ତା'ଛଡା ମୋ ବାପା ଓଡିଶାର ଯଶସ୍ୱୀ କବି, ନବଜୀବନ ପତ୍ରିକାରେ ତାଙ୍କ କବିତା ଅନେକ ପଢିଛି । ଆଉଜଣେ ଅତିମାନ୍ୟ ପ୍ରଥିତଯଶା ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ବହୁତ ପଢେ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ କଲେଜରେ ପାଦ ଦଉଦଉ ଅଧ୍ୟାପକ ତୀର୍ଥାନନ୍ଦ ମିଶ୍ର ସାର୍ ମୋତେ ପାଖକୁ ଡାକି କହିଲେ, ପିନାକୀ, ଧରଣୀଧର କଲେଜର ପ୍ରାଚୀର ପତ୍ର 'ସମ୍ବିତ' ପାଇଁ କବିତାଟିଏ ଦିଅ । ଦେଲି, ମୋ ସାଙ୍ଗମାନେ ପଢି ଖୁସିହେଲେ । ସେଇଠୁ ପ୍ରଥମେ ପ୍ରଜାତନ୍ତ୍ର ଖବରକାଗଜକୁ 'ଶ୍ମଶାନର ଡାକ' କବିତାଟି ଦେଲି । ବାହାରିଲା, ବହୁତ ପୋଷ୍ଟକାର୍ଡ ଚିଠି ପାଇଲି । ତା ପରେ ଆଉ ପଛକୁ ଫେରିନି । ଅମୃତାୟନ ଓ ଗୋକର୍ଣ୍ଣିକା ପତ୍ରିକାକୁ କବିତା ହାତରେ ଲେଖି ପଠାଇଲି, ତାହା ବି ପ୍ରକାଶ ପାଇଲା, ବାପା ବହୁତ ଖୁସି ହେଲେ । ମୁଁ ରାତି ରାତି ଶୋଇନି, ଏତେ ଆନନ୍ଦ ଏ କବିତାରେ । ଲକ୍ଷ୍ୟ କିଛି ନାହିଁ, ଆଦର୍ଶ ଅଛି ଗୋପନରେ । କବିତା ପାଠକ ଜୀବନ ସହ ଖାପ୍ ଖାଉଛି, ପ୍ରକୃତିର ମଧୁରତା ବଖାଣୁଛି, ବାଟହୁଡା ପାଦକୁ ସଳଖେଇ ଆଣିବାର ବିମଳ ପ୍ରୟାସ କରୁଛି, ପ୍ରେମର କସ୍ତୁରୀମହକ ବାଣ୍ଟୁଛି, ଦୁଃଖୀ ଦରିଦ୍ରର ବନ୍ଧୁ ବନିଛି, ଏଇଆ ତ !

■ ସୃଜନଶୀଳତା କ୍ଷେତ୍ରରେ ଉଦରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କଣ କହିବେ ?

■■ ସୃଜନଶୀଳତା କ୍ଷେତ୍ରରେ ଉଦାରତା ଅଛି, ରହିବ । ଉଦାରତା ନ ରହିଲେ ପାଠକ ପଢିବା ପରେ ନିଜକୁ ଉତ୍ତମ ଭାବେ ନିର୍ମାଣ କରିବ କେମିତି ? ଲେଖା ଜୀବନର ମୋଡ ବଦଳେଇ ଦିଏ, ସର୍ଜକ ସମାଜର ଗୁରୁଦାୟିତ୍ୱ ବହନ କରେ । ଦୁଃଖ , ଯାତନା, ଅସହ୍ୟ ପୀଡା, କଷଣ, ବିବର୍ଣ୍ଣ ଘଟଣାକୁ କବି ଲେଖକ ଜୀବନ୍ତ ଥୋଇଦିଏ, ଫଳରେ ତା'ର ପୁନରାବୃତ୍ତି ନହେଉ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷାକୁ ନେଇ ତ ସାହିତ୍ୟ, ହଁ ମାତୃଭାଷା ସଙ୍କଟରେ, ଓଡିଆ ପିଲାଙ୍କର ସାହିତ୍ୟ ରୁଚି କମିକମି ଆସୁଛି । ଓଡିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାଷା ନିଇତି ମରୁଛି । ଭାଷାକୁ ନେଇ ଏକ ବିରାଟ ଜନ ଆନ୍ଦୋଳନ ଦରକାର । ବୋଧଗମ୍ୟ ସାହିତ୍ୟ ଶିଶୁସୁଲଭ ବହି ବାପାମାଆ ମାନେ ଘରକୁ ଆଣନ୍ତୁ , ଘରେ ପିଲାମାନଙ୍କ ସହ ଓଡ଼ିଆରେ କଥାବାର୍ତ୍ତା ହୁଅନ୍ତୁ । ଆମ ଓଡିଆ ପୁସ୍ତକ ଅଧିକ ଅନ୍ୟ ଭାଷାରେ ଅନୁବାଦ ହେଉ ।

■ କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ କବିତା ଯୁଗ ବଦଳେଇଦେବାର ସାମର୍ଥ୍ୟ ରଖେ । ପରାଧୀନ ଭାରତରେ ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ' ପରି କବିତା ଜାତୀୟ ଜାଗରଣ ଆଣି ଦେଇଥିଲା, ତେଣୁ ସମ୍ଭବ ।

■ ଓଡିଆ ସାହିତ୍ୟ ବିଶେଷ କରି କବିତାର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୁରାଉଛି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ କବିତା ଅଛି ରହିବ, ମୁଁ ପ୍ରଚୁର ଆଶାବାଦୀ । ପାଠକ ଆଜି ଡିଜିଟାଲ୍ ଦୁନିଆଁରେ । ବହିର ବିକ୍ରି କମିଛି, ସାହିତ୍ୟ ପାଠକ ଖୋଜୁଛି । ପାଠକଙ୍କୁ ଆଦରିନେଲା ପରି ବି ଲେଖା ଲେଖିବା ଲେଖକର ଦାୟିତ୍ୱ । ମୋବାଇଲ ମନୋରଞ୍ଜନ ଏହାର ବାଧକ ହେଲାଣି, ଏହା ଚିନ୍ତାର ବିଷୟ । ଲେଖାରେ ନୂତନତା ରହିବା ବଡକଥା ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାରର ଗୁରୁତ୍ୱ ଅଛି । ପୁରସ୍କାର ଏକ ପ୍ରେରଣା, ସାଧନାକୁ ଆହୁରି ପାକଳ କରିବାପାଇଁ । ସମ୍ମାନ ଓ ପୁରସ୍କାର ଗ୍ରହଣ କଲେ ନିଜ ଭିତରେ ସାମାଜିକ ଦାୟିତ୍ୱବୋଧ ବଢେ । ମୁଁ ସତ୍ୟବାଦୀ କବିତା ସମ୍ମାନ, ଫକୀରମୋହନ କବିତା ସମ୍ମାନ, କାଳିନ୍ଦୀଚରଣ କବିତା ସମ୍ମାନ ଆଦି ଗ୍ରହଣ କରି ନିଜ କବିତାମନସ୍କ ପ୍ରାଣକୁ ସାହିତ୍ୟ ପାଠଶାଳାରେ ନିଜକୁ ଆହୁରି ନିମଗ୍ନ କରିଛି । ଏତିକି କହିବି, ସାଧନା ଆହୁରି ଗହନବନକୁ ଯାଉ, ମୃଗନାଭିର କସ୍ତୁରୀ ମିଳିବ ।

♥♥

■ ଅଳ୍ପରେ ପିନାକୀ ମିଶ୍ର...



ମାତା : ବାସନ୍ତୀ ମିଶ୍ର
ପିତା : ମଦନ ମୋହନ ମିଶ୍ର
ଜନ୍ମ : ୧୮ ଜୁଲାଇ ୧୯୬୯
ଠିକଣା : ଶୂନ୍ୟନୀଳ, ଚଇର୍ପାଖ, ଜେଲେରାଡ, କେନ୍ଦୁଝର-୭୫୮୦୦୧
(ମୋ) : ୯୪୩୮୧୧୮୩୯୭, ୭୦୭୭୦୬୩୯୯୭

■ ପ୍ରକାଶିତ ପୁସ୍ତକ ■

୧. କାଲିର ସକାଳ-୨୦୦୫
୨. ସୂର୍ଯ୍ୟସଂଧି-୨୦୦୯
୩. ଶବ୍ଦବୀଜ-୨୦୧୩
୪. ବିଭାବରୀ-୨୦୨୦
୫. ପଦ୍ମରାଗ-୨୦୨୧
୬. ଈଶ୍ୱର ଫେରିଗଲେ-୨୦୨୨
୭. ଝିଅବେଳ -୨୦୨୩

କ୍ୟାସେଟ୍ ଗୀତ : ଭକ୍ତି ଅଞ୍ଜଳି, ଅରୁଣସ୍ତମ୍ଭ, ଜଗତରାଜା, ମାଟିଦୀପ, ମା' ବନବାସିନୀ, ହେ ଅନ୍ତର୍ଯ୍ୟାମୀ

ଗୀତ ପ୍ରସାରଣ : ଆକାଶବାଣୀ, ପ୍ରାର୍ଥନା ଚ୍ୟାନେଲ, ୟୁଟ୍ୟୁବ୍, ସାର୍ଥକ ମ୍ୟୁଜିକ



କବି ପିନାକୀ ମିଶ୍ରଙ୍କ ପିତାମାତା ...



ମନୋଜ ଦାସଙ୍କ ସହିତ କବି ପିନାକୀ ମିଶ୍ର ...



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ପିନାକୀ ମିଶ୍ର...



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...



## ପୁଷ୍ପାଞ୍ଜଳି ନାୟକ

ଲେଖକ, ପାଠକଙ୍କ ମଧ୍ୟରେ ବନ୍ଧନ ହେଉଛି ହୃଦୟଗତ । ଜଣେ ହୃଦୟରୁ ଲେଖେ, ଯାହା ଅନ୍ୟ ଜଣକର ହୃଦୟକୁ ଛୁଏଁ । ଏ ସମ୍ପର୍କ ଏକ ଭାବଗତ ସମ୍ପର୍କ । ସେମାନଙ୍କ ମଧ୍ୟରେ ଅନେକ ସମୟରେ ଦେଖାସାକ୍ଷାତ ହୁଏ ନାହିଁ। ହେବା ଜରୁରୀ ବି ନୁହେଁ । ଲେଖକଙ୍କୁ ଆଖିରେ ନଦେଖି ମଧ୍ୟ ପାଠକ ତାଙ୍କୁ ହୃଦୟରେ ରଖିଥାଏ ଆଉ ପାଠକଙ୍କୁ ନଦେଖି ମଧ୍ୟ ଲେଖକ ତାଙ୍କଠାରୁ ଲେଖିବାର ପ୍ରେରଣା ପାଇଥାଏ ।

**ପ୍ରିୟ ପାଠକ-୩୭**

# ଲେଖକ, ପାଠକଙ୍କ ମଧ୍ୟରେ ବନ୍ଧନ ହେଉଛି ହୃଦୟଗତ...

୧୯୭୪ରେ 'ଗଳ୍ପ'ରେ ମୋର ପ୍ରଥମ ଗଳ୍ପ 'ଯଶୋଦାର ଜଉଘର' ପ୍ରକାଶିତ ହେବା ପରେ ଆଜିଯାଏ ନିରବଚ୍ଛିନ୍ନ ଭାବେ ମୁଁ ଗଳ୍ପ ଲେଖି ଆସୁଛି ଏବଂ ଏ କେତେବର୍ଷରେ ପାଠକମାନଙ୍କଠାରୁ ଅଜସ୍ର ଚିଠି ମୁଁ ପାଇଛି । ତେବେ ଆମ ଜୀବନରେ ମୋବାଇଲ ଫୋନ୍‌ର ଅନୁପ୍ରବେଶ ଘଟିବା ପରେ ପାଠକମାନେ ଆଉ ଆଗଭଳି ଚିଠି ଲେଖନ୍ତି ନାହିଁ, ମତେ ମୋବାଇଲରେ ଫୋନ କରନ୍ତି ବା ଏସଏମଏସ କରନ୍ତି । ସେମାନେ ସମସ୍ତେ ମୋର ପ୍ରିୟ । ତା' ଭିତରୁ କିଏ ବେଶି ପ୍ରିୟ, କହିବା କଷ୍ଟକର। ତେବେ ସେମାନେ ସମସ୍ତେ ମୋର ପ୍ରେରଣାର ଉତ୍ସ । ଲେଖକ ଲେଖା ଲେଖିଦିଏ ତାର ପ୍ରକୃତ ରସ ଆସ୍ୱାଦନ କରନ୍ତି ରସଜ୍ଞ ବା ବିଦଗ୍ଧ ବା ପାଠକମାନେ। ଲେଖାଟି ଭଲ ହେଲା କି ନ ହେଲା, ହୃଦୟକୁ ଛୁଇଁଲା ନା ଛୁଇଁଲା ନାହିଁ, ସେଇମାନେ ହିଁ ଜାଣି ପାରନ୍ତି । ଏଇ ପାଠକମାନେ ବିଭିନ୍ନ ବିଷୟରେ, ବିଭିନ୍ନ ସ୍ଥାନରେ, ବିଭିନ୍ନ ବୃତ୍ତିରେ ନିୟୋଜିତ ଥିଲେ ବି ସେମାନଙ୍କ ମଧ୍ୟରେ ଏକମାତ୍ର ସାମ୍ୟ, ସେମାନେ ପାଠକ । ସେମାନେ ମତେ ଲେଖିଥିବା ଶତାଧିକ ଚିଠି ମୁଁ ଏବେବି ସାଇତି ରଖିଛି । ସେସବୁ ମୋ ପାଖେ ହୀରାନୀଳାଠାରୁ ବି ମୂଲ୍ୟବାନ । ଏବେ ବି ସମୟ ପାଇଲେ ସେସବୁ ଚିଠି ମୁଁ ପଢ଼େ ଆଉ ବିଭୋର ହୋଇଯାଏ । ସମସ୍ତେ ଯେ ମତେ ପ୍ରଶଂସା କରିଛନ୍ତି, ତା ନୁହେଁ, କେହି କେହି ମୋ ଗଳ୍ପରେ ଥିବା ଦୋଷଦୁର୍ବଳତା ସମ୍ବନ୍ଧରେ ମତେ ସଚେତନ ମଧ୍ୟ କରିଦେଇଛନ୍ତି। ସେମାନଙ୍କ ମଧ୍ୟରୁ ବିଶେଷ କେଇଜଣଙ୍କ କଥା ମୁଁ ଏ ଲେଖାରେ ଉଲ୍ଲେଖ କରୁଛି ।

ମୋର ଅନ୍ୟତମ ପ୍ରିୟ ପାଠକ ଶ୍ରୀ ସରୋଜ ରଂଜନ ମହାନ୍ତି, ଯିଏ ନିଜ ଗୁଣରେ ଜଣେ ବିଶିଷ୍ଟ କବି ଏବଂ ଜଣେ ପ୍ରବୀଣ ସଂପାଦକ ମଧ୍ୟ। ଲେଖାରେ କିଛି ଭୁଲତ୍ରୁଟି ରହିଯାଇଥିଲେ, ତଥ୍ୟଗତ ପ୍ରମାଦ ଥିଲେ ସେ ସଂଶୋଧନ କରିଦିଅନ୍ତି । ମୋର ଅନେକ ଗଳ୍ପ ସେ ଝଙ୍କାରରେ ଛାପିଛନ୍ତି । ତେବେ ସେ କେବେ କାହାକୁ ମୁହଁରେ ପ୍ରଶଂସା କରନ୍ତି ନାହିଁ । କେବଳ ଥରଟିଏ ମୋର 'କେଉଁଠି ଛିଦ୍ର ଥିଲା କେଉଁଠି ? ପଢ଼ି ଝଙ୍କାରରେ ଛାପିବା ଆଗରୁ ମତେ ଟେଲିଫୋନରେ ସେ ଗଳ୍ପ ପାଇଁ ଅଭିନନ୍ଦନ ଜଣାଇଥିଲେ । ମତେ ଲାଗେ, ଏ ମୋର କମ୍ ବଡ଼ ପ୍ରାପ୍ତି ନୁହେଁ ।

ମୋର ଆଉଜଣେ ପ୍ରିୟ ପାଠକ ବିଶିଷ୍ଟ କବି ଶ୍ରୀ ରମାକାନ୍ତ ରଥ । ମୋ ଗଳ୍ପ ପଢ଼ି ସେ ଅନେକ ଥର ମତେ ଚିଠି ଲେଖିଛନ୍ତି ବା ଟେଲିଫୋନରେ ମତେ ଗଳ୍ପଟି ତାଙ୍କୁ ଭଲ ଲାଗିଲା ବୋଲି କହିଛନ୍ତି । ମୋର ୧୯୭୬ରେ ନବରବିରେ ପ୍ରକାଶିତ 'ଦୋଚାରୁଣୀ' ଗଳ୍ପଟି ତାଙ୍କର ଅନ୍ୟତମ ପ୍ରିୟ ଗଳ୍ପ ବୋଲି ସେ ମତେ ଅନେକଥର କହିଛନ୍ତି ।

ବିଶିଷ୍ଟ ଅଭିନେତା ସ୍ୱର୍ଗତଃ ଶରତ୍ ପୂଜାରି ମୋର ଆଉ ଜଣେ ପ୍ରିୟ ପାଠକ ଥିଲେ । ମୋ ଗଳ୍ପ ସେ ଖୋଜି ଖୋଜି ପଢୁଥିଲେ ଏବଂ ମତେ ମଧ୍ୟ ଚିଠି ଲେଖୁଥିଲେ । ଝଙ୍କାରରେ ପ୍ରକାଶିତ ମୋର 'ବାୟା ଚଢ଼େଇର ବସା' ଏବଂ କାଦମ୍ବିନୀରେ ପ୍ରକାଶିତ 'ସମୟର ଅଶ୍ୱ ଓ ଅସହାୟ ଲବକୁଶ' ଏ ଦୁଇଟି ଗଳ୍ପ ତାଙ୍କର ଖୁବ୍ ପ୍ରିୟ ଗଳ୍ପ ଥିଲା ବୋଲି ସେ ମତେ ଅନେକଥର କହିଛନ୍ତି । ତାଙ୍କ ଭିଣୋଇ ଶ୍ରୀ ହୋତା ମଧ୍ୟ ମୋ ଗଳ୍ପ ପଢ଼ି ମତେ ଚିଠି ଲେଖିଥିଲେ ଏବଂ ଥରେ ବ୍ରହ୍ମପୁର ଗସ୍ତରେ ଯାଇଥିବାବେଳେ ଗଞ୍ଜାମରେ ଓହ୍ଲାଇ ମତେ ଖୋଜି ଖୋଜି ମୋ କ୍ୱାର୍ଟରରେ ପହଞ୍ଚି ମତେ ଭେଟିଥିଲେ । ସେତେବେଳେ ମୁଁ ଜୟଶ୍ରୀ କେମିକାଲ୍‌ସ କାରଖାନା ଅଧୀନରେ ଥିବା ଜୟଶ୍ରୀ କେମିକାଲ୍‌ସ ଇଂରାଜୀ-ମାଧ୍ୟମ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲି । ଏ ବୋଧହୁଏ ୧୯୮୨/୮୩ର କଥା ।

ବିଶିଷ୍ଟ ଗାଳ୍ପିକା, କବି, ଔପନ୍ୟାସିକା ଶ୍ରୀମତୀ ବନଜ ଦେବୀ ମଧ୍ୟ ମୋର ପ୍ରିୟ ପାଠିକା । ସେଇ ସୁଚରିତା ପ୍ରକାଶ ପାଉଥିବା ଦିନଠାରୁ ଆଜିଯାଏଁ ସେ ବିଭିନ୍ନ ସମୟରେ ମୋର ଗଳ୍ପ ପଢ଼ି ମତେ ଉତ୍ସାହିତ କରିଆସିଛନ୍ତି।

ପ୍ରତିଟି ଲେଖକର ଏମିତି କିଛି ପାଠକ ଥାଆନ୍ତି ଯେଉଁମାନେ ଚିଠି ଲେଖନ୍ତି ନାହିଁ, ଫୋନ କରନ୍ତି ନାହିଁ, ଲେଖକକୁ ଦେଖା କରନ୍ତି ନାହିଁ, କିନ୍ତୁ ଲେଖକର ଲେଖାକୁ ଖୋଜିଖୋଜି ପଢନ୍ତି ଆଉ ମନେ ରଖନ୍ତି । ଲେଖକର ଗଳ୍ପ, ଉପନ୍ୟାସ, କବିତା ପୁସ୍ତକ କିଣି ବହିଥାକ ଭରି ଦିଅନ୍ତି । ପ୍ରିୟ ଲେଖକର ନାମ ସୂଚୀପତ୍ରରେ ଦେଖିଲେ ସେ ମ୍ୟାଗାଜିନ କିଣି ନିଅନ୍ତି।

ପ୍ରତିଟି ଲେଖକର ଏମିତି କିଛି ପାଠକ ଥାଆନ୍ତି ଯେଉଁମାନେ ଚିଠି ଲେଖନ୍ତି ନାହିଁ, ଫୋନ କରନ୍ତି ନାହିଁ, ଲେଖକକୁ ଦେଖା କରନ୍ତି ନାହିଁ, କିନ୍ତୁ ଲେଖକର ଲେଖାକୁ ଖୋଜିଖୋଜି ପଢନ୍ତି ଆଉ ମନେ ରଖନ୍ତି । ଲେଖକର ଗଳ୍ପ, ଉପନ୍ୟାସ, କବିତା ପୁସ୍ତକ କିଣି ବହିଥାକ ଭରି ଦିଅନ୍ତି । ପ୍ରିୟ ଲେଖକର ନାମ ସୂଚୀପତ୍ରରେ ଦେଖିଲେ ସେ ମ୍ୟାଗାଜିନ କିଣି ନିଅନ୍ତି। ଚା' ଖଟିରେ, ସାହିତ୍ୟ-ସଭାରେ ପଛଧାଡ଼ିରେ ବସି ଧୀରସ୍ୱରରେ ପ୍ରିୟ ଲେଖକର ଲେଖା ସମ୍ବନ୍ଧରେ ଆଲୋଚନା କରନ୍ତି । ସେଇମାନଙ୍କ ପାଇଁ ଲେଖକ ଲେଖିଥିବା ବିଭିନ୍ନ ପୁସ୍ତକର ସଂସ୍କରଣ ପରେ ସଂସ୍କରଣ ହୁଏ, ଆନୁଷ୍ଠାନିକ ସ୍ୱୀକୃତି ବା ପୁରସ୍କାର ନ ପାଇ ବି ଲେଖକ ଲୋକପ୍ରିୟ ହୋଇଯାଏ। ମୁଁ ବି ସେମିତି ଜଣେ ପାଠକ । ମୋର ବି କିଛି ପ୍ରିୟ ଲେଖକ ଲେଖିକା ଅଛନ୍ତି। ମୁଁ ସେମାନଙ୍କ ଗଳ୍ପ, କବିତା, ଉପନ୍ୟାସ ବହି କିଣେ, ପଢ଼େ କିନ୍ତୁ ସଂକୋଚରେ ଚିଠି ଲେଖି ନାହିଁ ବା ଦେଖା କରିନାହିଁ ।

ସୁଦୂର ବରଗଡ଼ରେ ମୋର ଏମିତି ଜଣେ ପାଠିକା ଅଛନ୍ତି। ଅଳ୍ପ ଦିନତଳେ କୌଣସି ମ୍ୟାଗାଜିନରୁ ମୋ ଫୋନ ନମ୍ବର ପାଇ ସେ ମୋତେ ଫୋନ କରି କହିଥିଲେ, ୧୯୯୦ରେ ସୁଚରିତାରେ ପ୍ରକାଶିତ ମୋର 'ସଂପାଦିକା ସମୀପେଷୁ' ଗଳ୍ପଟିକୁ ସେ ୧୯୯୫ରେ ପଢ଼ିଥିଲେ ଏବଂ ଆଜିଯାଏ ଭୁଲି ପାରି ନାହାନ୍ତି । ସେ ଗଳ୍ପର ଏକ ବିଶେଷ ଧାଡ଼ି ସମ୍ବନ୍ଧରେ ମତେ କହିଥିଲେ ଯାହା ତାଙ୍କୁ ଖୁବ୍ ଭଲ ଲାଗିଥିଲା ।

ଜଣେ ପାଠକ ପାଇଁ ତାର ପ୍ରିୟ ଲେଖକ ବା ଲେଖିକା ତାର ସବୁଠୁଁ ନିଜର ଲୋକ । କିଛି କଥା ଅଛି, ଯାହା କାହାକୁ କହି ହୁଏ ନାହିଁ, କିନ୍ତୁ ନିଜର ପ୍ରିୟ ଲେଖକକୁ କହିହୁଏ, କାରଣ ଜଣେ ପାଠକପାଇଁ ଲେଖକ ତା ଆତ୍ମାର ଦୋସର । ଏମିତି ଅଭିଜ୍ଞତା ମୋର ଅନେକଥର ହୋଇଛି । କିଛି ପାଠକ ପାଠିକା ସେମାନଙ୍କ ଜୀବନର କିଛି ବ୍ୟକ୍ତିଗତ ଗୋପନ କଥା ମତେ କହି ଭାରମୁକ୍ତ ହୋଇଛନ୍ତି ।



## ପ୍ରିୟ ପାଠକ

ଲେଖକ, ପାଠକଙ୍କ ମଧ୍ୟରେ ବନ୍ଧନ ହେଉଛି ହୃଦୟଗତ । ଜଣେ ହୃଦୟରୁ ଲେଖେ, ଯାହା ଅନ୍ୟ ଜଣକର ହୃଦୟକୁ ଛୁଏଁ । ଏ ସମ୍ପର୍କ ଏକ ଭାବଗତ ସମ୍ପର୍କ । ସେମାନଙ୍କ ମଧ୍ୟରେ ଅନେକ ସମୟରେ ଦେଖାସାକ୍ଷାତ ହୁଏ ନାହିଁ। ହେବା ଜରୁରୀ ବି ନୁହେଁ । ଲେଖକଙ୍କୁ ଆଖିରେ ନଦେଖି ମଧ୍ୟ ପାଠକ ତାଙ୍କୁ ହୃଦୟରେ ରଖିଥାଏ ଆଉ ପାଠକଙ୍କୁ ନଦେଖି ମଧ୍ୟ ଲେଖକ ତାଙ୍କଠାରୁ ଲେଖିବାର ପ୍ରେରଣା ପାଇଥାଏ । ଏକ ଅନନ୍ୟ ଭଲପାଇବା ଯାହା ଦୁଇଟି ହୃଦୟକୁ ଏକ ଅଦୃଶ୍ୟ ଗ୍ରନ୍ଥିରେ ବାନ୍ଧି ରଖିଥାଏ।

♥ ଜେଲରୋଡ଼, ବାଲେଶ୍ୱର
ମୋ: ୯୨୩୭୯୫୯୯୭୩

**ପଢ଼ିବା ପରେ...**

# ମୁଠାଏ ଦରଦୀ ପବନର ହିଲ୍ଲୋଳ : ସୁଜିତଙ୍କ "ଭିଜା ଭିଜା ଅନ୍ତଃସ୍ୱର"






ମନନଶୀଳତାର ଅନନ୍ୟ ଅଭିବ୍ୟକ୍ତିକୁ ନେଇ କବି ହିଁ ଉଚ୍ଚାରଣ କରିପାରେ କବିତାର ମନ୍ତ୍ର। ଅନାଲୋଚିତ ଦିଗକୁ ଆଲୋକିତ କରିବାର ଲକ୍ଷ୍ୟ ନେଇ ଗଢ଼ିବସେ ଶବ୍ଦର ବତିଘର। ଅନୁଭବର କଷଟି ପଥରରେ ଘଷି ଘଷି ଶୁଦ୍ଧ କଳାପରେ ଯାଇ ଭାବକୁ ନେଇ ସେ ଗଢ଼ିବସେ ଶବ୍ଦର କୋଣାର୍କ। ସେତେବେଳକୁ ଉଭେଇ ଯାଇଥାଏ ତା' ଭିତରର ଶୁଷ୍କତା। ଜୀବନ ପ୍ରତି ଗୋଟେ ସକରାତ୍ମକ ଭାବ ନେଇ ସେ ଡୁବ ମାରୁଥାଏ କବିତାର ପଦ୍ମ ପୋଖରୀରେ। ଆମେ ସମସ୍ତେ ଜାଣୁ, ଜୀବନକୁ ଭୋଗିବା ଯେତେ ସହଜ ସେତେ ସହଜ ନୁହେଁ ତାକୁ ବ୍ୟକ୍ତ କରିବା। କିନ୍ତୁ ନିଜ ଅନ୍ତର୍ମନର ଭିଜା ଭିଜା ଅନ୍ତଃସ୍ୱରକୁ କବିତାର ରୂପ ଦେଇଥିବା କବି ସୁଜିତ୍ କୁମାର ମିଶ୍ର ନିଜ ମନକଥା ବ୍ୟକ୍ତ କରିବାରେ ହୋଇଛନ୍ତି ସଫଳ।

'ଏକାନ୍ତ ନିଜସ୍ୱ' ଶୀର୍ଷକ କଥାରେ କବି ଲେଖିଛନ୍ତି- "କବିତା ମାଂସପେଶୀ ବଳରେ ହୁଏନା, କବିତା ତ ଭାବପ୍ରବଣତାର ବିସ୍ତୀର୍ଣ୍ଣ ଇଲାକା। କବିତା ସ୍ୱଚ୍ଛ, ସ୍ୱତଃ ପ୍ରବହମାନ। ଅନୁଭୂତି, ସାଧନା, ଅନ୍ତରଂଗତା ତଥା ଆବେଗପୂର୍ଣ୍ଣ ଜୀବନରୁ ହିଁ କବିତାର ସୃଷ୍ଟି। କେଉଟ ଯେମିତି ମାଛ ପାଇଁ ପୋଖରୀରେ ଘଣ୍ଟା ଘଣ୍ଟା ଅପେକ୍ଷାରତ ଥାଏ, ସବୁଦିନେ ପୋଖରୀ ସହ ତାର ଭାବ, ସେମିତି କବିତାଟେ ପାଇଁ ଲୋଡ଼ାହୁଏ ଦୀର୍ଘ ତପସ୍ୟା ବାସ୍ତବରେ କବିତା ମନକୁ କେଳି କରାଏ, ଆନମନା କରେ, କେବେ ପ୍ରେମିକା ରୂପରେ ତ ବିଦ୍ରୋହର ଅଗ୍ନି ଶିଖାରେ, କେବେ ପ୍ରକୃତି ପ୍ରେମରେ ତ କେବେ ସାମାଜିକ ଚରିତ୍ରକୁ ସଜାଡ଼ିବାରେ। କବିତା ଅଙ୍କୁରିତ ହୁଏ ସିକ୍ତ ମନରେ ଅତୃପ୍ତ ହୃଦୟରେ। ମୋ କବିତା ଗୁଡ଼ିକ ଏହି ପରିପ୍ରେକ୍ଷୀରେ ପ୍ରାୟତଃ ଅନୁଭବ, ଅନନ୍ତ ଆବେଗର ପ୍ରତିଫଳନ।"

ଭିଜାମାଟିର ବାସ୍ନା ପରି ଭିଜା ଭିଜା ଅନ୍ତଃସ୍ୱର ବି ମନକୁ ଆନମନା କରେ। କେତେବେଳେ ସେ ଭିଜାପଣ ମେଘରୁ ଆସିଥାଏ ତ କେତେବେଳେ ଆସିଥାଏ ଲୁହରେ। କେତେବେଳେ ଆବେଗରୁ ତ କେତେବେଳେ ଅନୁରାଗରୁ। ତେବେ ଭିଜିବା ଓ ଭିଜେଇବା ଆଗରୁ ଆକାଶ ମେଘମୟ ହୁଏ। ଶ୍ରାବଣର ରୁଣୁଝୁଣୁ ନୂପୁର ନିକ୍ୱଣ ଓ ମେଘମଲ୍ଲାର କବିହୃଦକୁ କୁତୁକୁତୁ କରେ ଭିଜା ଭିଜା ଭାବ ସହିତ ଅନନୁଭୂତ ଶିହରଣ କବିକୁ ବିଭୋର କରେ, କରେ ସର୍ଜନ ମନସ୍କ। ତେଣୁ ଭିଜିବା ଏକ ସୃଜନଶୀଳ ଶବ୍ଦ ଯାହା ଶୁଣୁ ଶୁଣୁ ଆହ୍ଲାଦିତ ହୋଇଯାଏ ମନ।

'ଭିଜା ଭିଜା ଅନ୍ତଃସ୍ୱର' ଶୀର୍ଷକ କବିତା ପୁସ୍ତକର ସ୍ରଷ୍ଟା ସୁଜିତ୍ କୁମାର ମିଶ୍ର ନିଜେ କେବଳ ଭିଜିନାହାନ୍ତି ବରଂ ଭିଜେଇଛନ୍ତି ତାଙ୍କ ପାଠକମାନଙ୍କୁ ନିଜ ଅନୁଭବର ମେଘରେ।

"ଏମାନେ ଜନ୍ମଠୁ ମୃତ୍ୟୁ ପର୍ଯ୍ୟନ୍ତ
ମଣିଷ ଆଉ ଈଶ୍ୱରଙ୍କ କୁଣ୍ଡଳୀ ଲେଖନ୍ତି
ମୁକୁଟ ବଦଳରେ ଟୋପି ପିନ୍ଧି
ଓଡ଼ଶ ପରି ରକ୍ତ ଶୋଷି ଚାଲନ୍ତି
ଗଦା ବଦଳରେ ବିବୃତ୍ତିର ଛୁରୀ ଧରି
ନିଜେ ହିଁ ସାଜନ୍ତି ବିଚାରପତି
ସତେ ଅବା ସେମାନେ ହିଁ ସାଧୁ
ବାକିମାନେ ମୂଢ଼ମତି। (କଂସ)

କବି ସୁଜିତ କୁମାର ସମକାଳୀନ ସମାଜ, ସଂସ୍କୃତି, କ୍ଷମତାଲୋଭୀ ଓ ସ୍ୱେଚ୍ଛାଚାରୀ ମଣିଷମାନଙ୍କୁ ଖୁବ୍ ନିକଟରୁ ଦେଖିଛନ୍ତି।

ତାଙ୍କ ଅନୁଭବର ଜଗତ 'କଂସ'ଠାରୁ ଆରମ୍ଭ ହୋଇ 'ଶେଷ ପାହାଚ'ରେ ପହଂଚିଲା ଯାଏ ତାଙ୍କ ଚିନ୍ତା ଚେତନା, ଭାବ ଭାବନା ତଥା ଆଶା ଆକାଂକ୍ଷା ଭିତରେ ସିଏ ଦେଖିଛନ୍ତି କ୍ରୋଧର କରାଳ ରୂପ।

"କ୍ରୋଧ ଠୁ ବଳି ଆଉ କଣ ବଡ଼ ଅଗ୍ନି ଅଛି
କୁହତ ସଂସାରରେ ?
କ୍ରୋଧ ତ ଫୁଟା ପାଣି
କିଛି ସମୟ ରଖିଦେଲେ ଶୀତଳ
ଫୁଟୁଥିଲେ ମହାବଳ।" (କ୍ରୋଧ)

ସଂପର୍କକୁ ସବୁଠୁ ବେଶୀ ମହତ୍ତ୍ୱ ଦେଇଛନ୍ତି କବି ସୁଜିତ୍ କୁମାର ମିଶ୍ର। ଭଉଣୀର ଚିତ୍ର ଆଙ୍କିଲା ବେଳେ ଲେଖିଛନ୍ତି-

"ଭଉଣୀ ତ ନଈ ଭଳି ପ୍ରବହମାନ
ନିଦାଘରେ ମଳୟ
ନିଦ ପାଇଁ ଆକାଶେ ସ୍ୱପ୍ନ..." (ଭଉଣୀ)

କବିଙ୍କର ଏଇ ସଂକଳନଟି ନାନା ଭାବରେ ନାନା ଚେତନାରେ ସମୃଦ୍ଧ। କବିତା ଗୁଡ଼ିକରେ ରହିଛି ମାନବିକତା, ଜୀବନ ଓ ଜଗତର ବାଂଙମୟ ରୂପ, କଳାତ୍ମକ ପରିପାଟୀରେ ସମ୍ପର୍କ ଓ ସମୟର ପରିକ୍ରମଣକୁ ଯଥାଯଥ ଭାବେ ରୂପାୟିତ କରିଛନ୍ତି କବି। ତାଙ୍କ ଚିନ୍ତା ମାନସର ସୂକ୍ଷ୍ମ ଅନୁଭବ ଗୁଡ଼ିକ ବେଶ୍ ସ୍ୱଚ୍ଛନ୍ଦ ଲାଗନ୍ତି ତାଙ୍କ କବିତାରେ।

"ପତ୍ନୀ ସିନ୍ଦୂର ନାଇଲେ ପତି ପଟୁ ଜମି
ପତ୍ନୀ ସିନ୍ଦୁକକୁ ଚାହିଁଲେ ପତି ମରୁଭୂମି
ପତ୍ନୀ ଧ୍ୟାନସ୍ଥ ହେଲେ ପତି ଦେବତା
ପତ୍ନୀ ଆଖି ଖୋଲିଲେ ପତି ହିଁ ତ
ପ୍ରେମର ବିଶାଳତା।" (ପତ୍ନୀ)

+ + + +

"ଆଉଜି ପଡ଼େ ସେ ଅନୁରାଗରେ
ବନ୍ୟାର ବିଭୀଷିକାରେ
ନଅଙ୍କର ଦହଗଂଜରେ
ଖାଣ୍ଡବ ବନର ଦହନରେ,
ତାଲିକା ଲମ୍ବା
ଗାରେଇବା ଅସମ୍ଭବ କାଗଜର
କାନ୍ଥରେ।" (ବନ୍ଧୁ)

+ + + +

"ବାପା, ଛାପାଖାନା ନୁହେଁ
ଛନ୍ଦଗୀତ ଶିଖାଉଥିବା
ଏକ ମୁକ୍ତ ବିଶ୍ୱ ବିଦ୍ୟାଳୟ,
ସେଦିନର ଯଜ୍ଞ
ସଂଧ୍ୟାର ସତସଙ୍ଗ
ଆମ ମନ୍ଦିରର ପବିତ୍ର ସମର୍ଥ ପୂଜକ ।"
(ବାପା)

+ + + +

"ଚମ୍ପା ଫୁଲ ପକା ଶାଢ଼ି କାନିରେ
ଝୁଲୁଥାଏ ଚାବିନେନ୍ଥା,
ମଥାରେ ସିନ୍ଦୂର ଚହଟୁଥାଏ
ମୋତେ ଲାଗନ୍ତି ଜେଜୀ ଦେବୀ ମାତା।
(ଜେଜୀ)

କବିତା ଚିରକାଳ ବନ୍ଧା ପଡ଼ିଥାଏ ଗୋଟେ ନିରୂତା ଆତ୍ମୀୟତା ପାଖରେ। କବିତା ଗୋଟେ କଅଁଳ ଉଚ୍ଚାରଣ। ସମ୍ବେଦନଶୀଳତା ତାର ଧର୍ମ। କବି ହିଁ ଦେଖିପାରେ ପବନରେ ପତଙ୍ଗ ପରି ଉଡୁଥିବା ଅସୂୟାକୁ, ଦେଖିପାରେ ଭିନ୍ନ ଭିନ୍ନ ବାଗ, ଢ଼ଙ୍ଗ ଏବଂ ରଙ୍ଗରେ ତାର ମାୟାକୁ। କବି ହିଁ ଲେଖିପାରେ-

ଅସୂୟାର ଅଂଧାରକୁ ଠେଲିଦେଇ
ଆସ ଏ ଅନସୂୟାର ଝରଣା ପାଖକୁ
ଧୂଳି ଧୂସର ଝରଣାର ଧୂମ ବିହୀନ ଜଳରେ
କୁଟା, କାଠି, ପତ୍ର ଯେତେ ଭାସିଯିବ
ଶୁଦ୍ଧ ପ୍ରବହମାନ ସ୍ରୋତରେ। (ଅସୂୟା)

'ଭିଜା ଭିଜା' ଅନ୍ତଃସ୍ୱର' କବିତା ସଂକଳନଟି କବି ସୁଜିତ କୁମାର ମିଶ୍ରଙ୍କର ପ୍ରଥମ ସଂକଳନ ହେଲେ ମଧ୍ୟ ଏଥିରେ ସ୍ଥାନିତ କବିତା ମାନଙ୍କରେ ଶୀର୍ଷକ ଦେଖିଲେ ସ୍ପଷ୍ଟ ଜାଣିହୁଏ ଯେ କବି ସମ୍ପର୍କ ପ୍ରତି ଯେମିତି ସଚେତନ ସେମିତି ମଧ୍ୟ ସଚେତନ ଜୀବନ ପ୍ରତି। ସେ ତାଙ୍କ ସମ୍ପର୍କକୁ ନେଇଛନ୍ତି ଯେତିକି ଗୁରୁତ୍ୱ ସେମିତି ମଧ୍ୟ ଗୁରୁତ୍ୱ ଦେଇଛନ୍ତି ସ୍ୱାର୍ଥପର, ଲୁହ, ଭିକାରି, ରତ୍ନ, ହାଣ୍ଡି, ଚୁଲି, ଭୋକ, ଯୌବନ, ମୋହ, ମଉଳା ଫୁଲ, ବାରାଙ୍ଗନା, ଖଣି ଦାଦନ, ନିଆଁ, ଛଳନା, ଚାଲୁଣି, ଗଣତନ୍ତ୍ର, ସିଂହାସନ ଓ ଲାଠିକୁ।

ଜୀବନ ଓ ଜୀବନ ସହ ଜଡ଼ିତ ସମସ୍ତ ବ୍ୟକ୍ତିସତ୍ତା, ବସ୍ତୁବାଦ ପ୍ରତି କବିଙ୍କର ସଚେତନତା କବିତାମାନଙ୍କରେ ପରିପୁଷ୍ଟ। ଏଥିରେ ଥିବା କବିତା ଗୁଡ଼ିକ ସମ୍ବେଦନନରେ ଓଦା କରିବ ହୃଦୟ। କବିର କବିତା ଚିରକାଳ ମାଟି ପାଇଁ।

ଯେତେ ଦୁଃଖ କଷ୍ଟ ଝଡ଼ଝଂଜା ଆସିଲେ ବି ସମ୍ପର୍କ ରକ୍ଷା ପାଇଁ ସେ ଟେକି ଧରେ ଗିରି ଗୋବର୍ଦ୍ଧନ। ଦରଦୀ ମନର ପରିଭାଷା କବିତାର ଅନ୍ତଃସ୍ୱର ପରି ହୁଏ ଦୃଶ୍ୟମାନ। ଦୂର ତାଳବଣ ସେପାଖରୁ ବିଲୁଆର ହୁ କୋ ହୋ ରଡ଼ି ଶୁଭିଲା ପରି କିଚିରି ମିଚିରି ଶବ୍ଦ ଶୁଭେ ପକ୍ଷୀମାନେ ଘର ବାହୁଡ଼ା ସମୟ ହେଲେ।

କବି ସୁଜିତଙ୍କ କବିତା ବହିର କିଛି ପଙ୍କ୍ତି ସେମିତି ଗୁଣୁଗୁଣାନ୍ତି ପାଠକଙ୍କ ମନ ଭିତରେ -

ତୁ ତୋ ଭିତରେ ଏକ ତୋଫା ଜହ୍ନ
ତୁ ତୋ ଭିତରେ ଏକ ସୂର୍ଯ୍ୟ
ସମୁଦ୍ର, ସାତ୍ତ୍ୱିକ ସ୍ୱପ୍ନ। (ନିର୍ବିକଳ୍ପ)

+ + +

ମୃତ୍ୟୁ ପରେ ବି ଯିଏ ମଳୟ
ତାର ଉଚ୍ଚତା ହିମାଳୟ
ସେ ବହୁ ଦୂରରେ ଥାଇ ମଧ୍ୟ
ପ୍ରେମର ବଳୟ। (ଶହୀଦ)

+ + +

ଧୂଳି ଶୋଷି ଶୋଷି ସେ ଧୂଳି ପାହାଡ଼
ବିଂଚ ଅବା ରେଙ୍କ ସହଜେ ଯାଏନି
ସେ ଧୂଳି ଅଠାଭଳି.... (ଧୂଳି ପାହାଡ଼)

କବି ସୁଜିତ ମିଶ୍ରଙ୍କ ଭିତରେ କବିତାର ଅନ୍ତଃସ୍ରୋତ। ମୁଠାଏ ଦରଦୀ ପବନର ହିଲୋଳରେ ହିଲ୍ଲୋଳିତ ତାଙ୍କ କାବ୍ୟ ପ୍ରତିଭା । ତାଙ୍କ କବିତା ସରଳ, ବୋଧଗମ୍ୟ, ଛଳ ଛଳ। ଏହି 'ଭିଜା ଭିଜା ଅନ୍ତଃସ୍ୱର' ପୁସ୍ତକଟି କବିଙ୍କର ପ୍ରଥମ କାବ୍ୟ ପ୍ରୟାସ ହୋଇଥିଲେ ମଧ୍ୟ ତାଙ୍କ କବିତାର ଭାବ, ଭାଷା ଓ ଉପାସନା ବେଶ୍ ପରିଚ୍ଛନ୍ନ। ତାଙ୍କ କବିତାର ଶୀର୍ଷକ ମାନେ ହିଁ ତାଙ୍କ ଭାବ ଚେତନାର ବାହକ। ତାଙ୍କ ସମ୍ବେଦନଶୀଳ ହୃଦୟର ପରିମାପକ। ଏହି ପୁସ୍ତକଟିରେ ନିହିତ ଯେଉଁ ସମ୍ଭାବନା ତାହା କବି ସୁଜିତ୍‌ଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ଏହା ନିଃସନ୍ଦେହ।

♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩



# ଅଁଳା ନବମୀ ଓ ରାଧାପାଦ ଦର୍ଶନ

## ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ପାଳିତ ହୋଇଥାଏ ପବିତ୍ର ଅଁଳା ନବମୀ। ଏହି ଦିନ ଅଁଳା ଗଛକୁ ଦେବତା ସ୍ୱରୂପ ପୂଜାର୍ଚ୍ଚନା କରି ଆର୍ଶୀବାଦ ନିଆଯାଇଥାଏ। ଅଁଳାକୁ ଭଗବାନ ବିଷ୍ଣୁ ଓ ଶିବଙ୍କ ପ୍ରିୟ ବୃକ୍ଷର ଆଖ୍ୟା ଦିଆଯାଇଛି। ପୁରାଣରେ ଏହି ବୃକ୍ଷର ମହିମା ବର୍ଣ୍ଣିତ। ତେବେ ଅଁଳା ଦେବୀ ସରସ୍ୱତୀଙ୍କ ରଜୋଗୁଣରୁ ସୃଷ୍ଟି ବୋଲି କେତେକ ବିଦ୍ୱାନ ମତ ଦେଇଥାନ୍ତି। ଅଁଳା ଫଳକୁ ସଂସ୍କୃତରେ ଶ୍ରୀଫଳା, ତିଷ୍ୟଭଳା, ବୟସ୍କା, କାୟସ୍ଥା, ଅମୃତା, ଶିବା, ଧାତ୍ରୀ, ବୃଷ୍ୟା, ରୋଚନୀ, ବୃତଫଳ, ଧାତ୍ରିକା, ତିଷ୍ୟା ଭଳି ନାମରେ ନାମିତ କରାଯାଇଛି। ଅଁଳା ନବମୀରେ ଅଁଳା ଗଛତଳେ ବଟା ଅଁଳାରେ ଭଗବାନ ବିଷ୍ଣୁଙ୍କ ପ୍ରତିମାକୁ ସ୍ନାନ କରାଯାଇଥାଏ। ଅଁଳା ନବମୀ ଠାରୁ କାର୍ତ୍ତିକ ଶେଷ ପର୍ଯ୍ୟନ୍ତ ଅଁଳା ବଟା ଲଗାଇ ସ୍ନାନ କରିବା ଏକ ଓଡ଼ିଆ ପରମ୍ପରା। ହବିଷ୍ୟାଳୀମାନଙ୍କ ପାଇଁ ମଧ୍ୟ ଏହି ଦିନଟିର ବହୁତ ଗୁରୁତ୍ୱ ରହିଛି। କାର୍ତ୍ତିକର ଅନ୍ୟ ଦିନ ମାନଙ୍କରେ ସେମାନେ ହବିଷ୍ୟାନ୍ନ ରୋଷଶାଳାରେ ରାନ୍ଧୁଥିବା ବେଳେ ଅଁଳା ନବମୀ ଦିନ ସେମାନେ ଅଁଳା ଗଛ ମୂଳରେ ହବିଷ୍ୟାନ୍ନ ରାନ୍ଧିବା ସହ ବୃକ୍ଷ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି। ବୃକ୍ଷକୁ ପୂଜା କରି ଭୋଗ ଲଗାଇବା ପରେ ସେମାନେ ହବିଷ୍ୟାନ୍ନ ଭକ୍ଷଣ କରିଥାନ୍ତି।

ଅଁଳା ବୃକ୍ଷର ଉତ୍ପତ୍ତିକୁ ନେଇ ବିଭିନ୍ନ କିମ୍ବଦନ୍ତୀ ରହିଛି। ଥରେ ଲକ୍ଷ୍ମୀ ଓ ଭଗବତୀ ହରିଙ୍କୁ କୌଣସି ନୂତନ ଦ୍ରବ୍ୟ ଉପହାର ସ୍ୱରୂପ ଦେବାକୁ ମନସ୍ଥ କଲେ। କ'ଣ ଦେବେ ଚିନ୍ତା କରୁଥିବା ବେଳେ ଉଭୟଙ୍କ ଆଖିରୁ ଏକା ସମୟରେ ଦି ଟୋପା ଲୁହ ବୋହିଗଲା। ସେହି ଆନନ୍ଦାଶ୍ରୁରୁ ପରବର୍ତ୍ତୀ ସମୟରେ ଅଁଳା ବୃକ୍ଷର ସୃଷ୍ଟି ବୋଲି କୁହାଯାଏ। କେହି କେହି କୁହନ୍ତି ଯେ, ଦିନେ ଲକ୍ଷ୍ମୀ ଓ ପାର୍ବତୀ ଏକତ୍ର ବନରେ ଭ୍ରମଣ କରୁଥିଲେ। ସେହି ସମୟରେ ସେମାନେ ନିଜ ନିଜ ସ୍ୱାମୀଙ୍କ ପୂଜା କରିବାକୁ ମନସ୍ଥ କଲେ। କିନ୍ତୁ ଜଙ୍ଗଲ ଭିତରେ ସେମାନଙ୍କ ସ୍ୱାମୀଙ୍କ ପ୍ରିୟ ପୂଜା ସାମଗ୍ରୀ ଯଥା ବିଷ୍ଣୁଙ୍କ ପ୍ରିୟ ତୁଳସୀ ଓ ଭଗବାନ ଶିବଙ୍କ ପ୍ରିୟ ବେଲପତ୍ର ନଥିଲା। ତେଣୁ ସେମାନେ ଚିନ୍ତାରେ ବସିଥିଲେ। ଏହି ସମୟରେ ନାରଦ ସେମାନଙ୍କ ପାଖକୁ ଆସି ଚିନ୍ତାର କାରଣ ପଚାରି ବୁଝିଲେ। ସେମାନଙ୍କୁ ଚିନ୍ତା ନ କରିବାକୁ ପରାମର୍ଶ ଦେଇ କହିଥିଲେ, ଅଁଳା ହେଉଛି ତୁଳସୀ ଓ ବେଲପତ୍ରର ସମାହାର। ତେଣୁ ଅଁଳା ବୃକ୍ଷ ନିକଟରେ ପୂଜା କଲେ ଉଭୟ ବିଷ୍ଣୁ ଓ ଶିବ ପ୍ରସନ୍ନ ହେବେ। ନାରଦ ମୁନିଙ୍କ କହିବା ଅନୁଯାୟୀ ଦୁଇ ଦେବୀ ଅଁଳା ବୃକ୍ଷକୁ ପୂଜା କରିଥିଲେ। ସେହିଦିନ ଠାରୁ ଅଁଳାକୁ ପୂଜା କରାଯାଉଛି ବୋଲି କିମ୍ବଦନ୍ତୀ ରହିଛି।

ଶ୍ରୀରାଧିକା ହେଉଛନ୍ତି ଶ୍ରୀକୃଷ୍ଣଙ୍କ ଶକ୍ତି। ନିମ୍ବାର୍କ ସମ୍ପ୍ରଦାୟ, ମଧ୍ୱ ସମ୍ପ୍ରଦାୟ, ରାଧାବଲ୍ଲଭ ସମ୍ପ୍ରଦାୟ ତଥା ସଖୀ ସମ୍ପ୍ରଦାୟ ଆଦି ଶ୍ରୀକୃଷ୍ଣଙ୍କ ସହିତ ରାଧାଙ୍କୁ ମଧ୍ୟ ଉପାସନା କରିଥାନ୍ତି। ଶ୍ରୀରାଧା ଏବଂ ଶ୍ରୀକୃଷ୍ଣଙ୍କ ଯୁଗଳ ସ୍ୱରୂପ ଉପାସନା କରିବାର ପରମ୍ପରା ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ। ଶ୍ରୀକୃଷ୍ଣ ଏବଂ ରାଧାଙ୍କ ମଧ୍ୟରେ ପ୍ରଭେଦ ନାହିଁ। ଶ୍ରୀକୃଷ୍ଣ ଯେଉଁଠି ଥାଆନ୍ତି, ସେଠାରେ ରାଧା ମଧ୍ୟ ବାସ କରିଥାନ୍ତି। ସେହିପରି ଯେଉଁଠି ଶ୍ରୀରାଧା ଥାଆନ୍ତି, ସେଠି ଶ୍ରୀକୃଷ୍ଣ ରହିବା ମଧ୍ୟ ସ୍ୱାଭାବିକ। ଦୁହିଁଙ୍କ ମଧ୍ୟରେ ଏହି ଅଦ୍ୱୈତ ଗୁଣ ଦେଖିବାକୁ ମିଳିଥାଏ। ଭକ୍ତିମାର୍ଗର ସାଧୁମାନେ ଶ୍ରୀକୃଷ୍ଣଙ୍କ ଅପେକ୍ଷା ରାଧାଙ୍କୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଶ୍ରୀକୃଷ୍ଣଙ୍କ ପୂର୍ବରୁ ପ୍ରଥମେ ରାଧାଙ୍କ ନାମ ଉଚ୍ଚାରଣ କରାଯାଇଥାଏ। ରାଧେକୃଷ୍ଣ, ରାଧାମାଧବ, ରାଧେଶ୍ୟାମ ଆଦି ସମ୍ବୋଧନରେ ପ୍ରଥମେ ରାଧା ଏବଂ ପରେ ଶ୍ରୀକୃଷ୍ଣଙ୍କ ନାମୋଚ୍ଚାରଣ କରାଯାଇଥାଏ। ଏହାର ଅର୍ଥ ହେଉଛି ପ୍ରଥମେ ଶକ୍ତି ଏବଂ ପରେ ବ୍ରହ୍ମ। ରାଧା ଏବଂ ଶ୍ରୀକୃଷ୍ଣଙ୍କ ଅନନ୍ୟତା ଶାଶ୍ୱତ। ଶ୍ରୀକୃଷ୍ଣ ଆନନ୍ଦର ସ୍ରୋତ, ରାଧା ହେଉଛନ୍ତି ତାଙ୍କ ଆନନ୍ଦ। ସେଥିପାଇଁ ଶ୍ରୀରାଧାଙ୍କୁ କୁହାଯାଏ ଶ୍ରୀକୃଷ୍ଣଙ୍କ ଆନନ୍ଦିନୀ ଶକ୍ତି। ଶ୍ରୀକୃଷ୍ଣଙ୍କ ଭଳି ଧର୍ମଗ୍ରନ୍ଥରେ ଶ୍ରୀରାଧାଙ୍କ ଦୁଇଟି ସ୍ୱରୂପ ବିଷୟରେ ଉଲ୍ଲେଖ କରାଯାଇଛି, ଗୋଟିଏ ଲୌକିକ ଏବଂ ଅନ୍ୟଟି ଅଲୌକିକ। ଲୌକିକ ରୂପରେ ରାଧା ଶ୍ରୀକୃଷ୍ଣଙ୍କ ପ୍ରିୟା, ସେ ବ୍ରଜ ଭୂମିରେ ରାସ ଲୀଳା କରୁଥିଲେ। ସେହିପରି ଅଲୌକିକ ରୂପରେ ଶ୍ରୀରାଧା ହେଉଛନ୍ତି ଶ୍ରୀକୃଷ୍ଣଙ୍କ ପାଇଁ ଆନନ୍ଦପ୍ରଦାନକାରୀ ଶକ୍ତି। ତେଣୁ ଶ୍ରୀକୃଷ୍ଣ ଏବଂ ଶ୍ରୀରାଧାଙ୍କୁ ଭିନ୍ନ ଭିନ୍ନ ଭାବେ ଦେଖାଯାଇପାରିବ ନାହିଁ।

ଧର୍ମଗ୍ରନ୍ଥରେ ଥିବା ବର୍ଣ୍ଣନା ଅନୁଯାୟୀ, ଶ୍ରୀରାଧାଙ୍କ ଜନ୍ମ ଗୋକୁଳ ନିକଟବର୍ତ୍ତୀ ରାୱେଲ୍ ନାମକ ଗ୍ରାମରେ ହୋଇଥିଲା। ଏହାପରେ ସେ ନିଜ ମାତା-ପିତାଙ୍କ ସହିତ ବରସାନ ନାମକ ସ୍ଥାନରେ ରହିବାକୁ ଲାଗିଲେ। ବ୍ରହ୍ମବୈବର୍ତ୍ତ ପୁରାଣରେ ଉଲ୍ଲେଖ ରହିଛି ଯେ ବ୍ରହ୍ମ ଯେତେବେଳେ ଶ୍ରୀକୃଷ୍ଣଙ୍କ ରୂପ ଧାରଣ କଲେ, ତାଙ୍କର ମହାଶକ୍ତି ରୂପରେ ରାଧାଙ୍କ ଆବିର୍ଭାବ ହୋଇଥିଲା। ପଦ୍ମପୁରାଣରେ ରାଧାଙ୍କୁ ଆଦ୍ୟ ପ୍ରକୃତିର କୃଷ୍ଣପ୍ରିୟା ରୂପ ବୋଲି ବର୍ଣ୍ଣନା କରାଯାଇଛି। 'ତତ୍‌ପ୍ରିୟା ପ୍ରକୃତିସ୍ତ୍ୱଧା ରାଧିକା କୃଷ୍ଣବଲ୍ଲଭ' । ନାରଦ ପାଞ୍ଚରାତ୍ରରେ ରାଧାଙ୍କ ଦିବ୍ୟ ଏବଂ ଅଲୌକିକ ସ୍ୱରୂପ ବର୍ଣ୍ଣନା କରି କୁହାଯାଇଛି ଯେ ଶ୍ରୀକୃଷ୍ଣ ଯେପରି ତ୍ରିଗୁଣ ମାୟା ତଥା ବିକାଶରୂପୀ ପ୍ରକୃତି ଠାରୁ ଉର୍ଦ୍ଧ୍ୱରେ ଥିବା ବ୍ରହ୍ମସ୍ୱରୂପ, ଠିକ୍ ସେହିପରି ଶ୍ରୀରାଧା ମଧ୍ୟ ପ୍ରକୃତି ଠାରୁ ଉର୍ଦ୍ଧ୍ୱରେ ନିର୍ଲିପ୍ତ ବ୍ରହ୍ମସ୍ୱରୂପା'। 'ଯଥା ବ୍ରହ୍ମସ୍ୱରୂପଶ୍ଚ ଶ୍ରୀକୃଷ୍ଣଃ ପ୍ରକୃତେଃ ପରଃ। ତଥା ବ୍ରହ୍ମସ୍ୱରୂପୀ ଚ ନିର୍ଲିପ୍ତା ପ୍ରକୃତେଃ ପରା।' ପୁରାଣ ଏବଂ ଧର୍ମ ଗ୍ରନ୍ଥରେ ଦେବୀ ରାଧାଙ୍କ ଆଧ୍ୟାତ୍ମିକ ସ୍ୱରୂପର ବର୍ଣ୍ଣନା କରାଯାଇଛି। ନିମ୍ବକାଚାର୍ଯ୍ୟ ପ୍ରାଚୀନ ଧର୍ମଗ୍ରନ୍ଥ ଆଧାରରେ ରାଧା ମାଧବଙ୍କ ଯୁଗଳ ସ୍ୱରୂପର ଅଦ୍ଭୁତ ବର୍ଣ୍ଣନା କରିଛନ୍ତି। ତାଙ୍କ ପରେ ମଧ୍ୱାଚାର୍ଯ୍ୟ ମଧ୍ୟ ଶ୍ରୀରାଧାଙ୍କ ଦିବ୍ୟ ସ୍ୱରୂପର ବର୍ଣ୍ଣନା କରିଛନ୍ତି। ଚୈତନ୍ୟ ମହାପ୍ରଭୁଙ୍କ ଅନୁଗାମୀମାନେ ମଧ୍ୟ ଶ୍ରୀରାଧା ଏବଂ ଶ୍ରୀକୃଷ୍ଣଙ୍କୁ ଏକତ୍ର ପୂଜା କରିଥାନ୍ତି। ଶ୍ରୀରାଧାଙ୍କ ଭକ୍ତମାନେ ତାଙ୍କର ଆଧିଦୈବିକ ସ୍ୱରୂପକୁ ବୁଝିଥାନ୍ତି, ତାଙ୍କର ଗୁଢ଼ତତ୍ତ୍ୱ ଏବଂ ତାଙ୍କର ଶକ୍ତିକୁ ଚିହ୍ନିଥାଆନ୍ତି, ତାଙ୍କର ଆରାଧନା କରି ଜୀବନକୁ ଧନ୍ୟ କରିଥାନ୍ତି।

♥ ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୦ ନଭେମ୍ବର ୨୦୨୪
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



ଚେତନାର ଦର୍ପଣ - ୪୭

# ଅସୀମ ସୁଖ ଓ ଶାନ୍ତି : ପ୍ରାର୍ଥନା



♥ ଲଳିତ ମୋହନ ମିଶ୍ର

ଈଶ୍ୱରଙ୍କ ବିଶାଳ ସୃଷ୍ଟିରେ ଆମ ପୃଥିବୀ କେତେ ଛୋଟ। ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସମୟ ସମୟରେ ନିରାଶାର ମୁହୂର୍ତ୍ତ ଆସିଥାଏ। ଏଭଳି ପରିସ୍ଥିତିରେ ଅଧିକାଂଶ ମନୁଷ୍ୟ ବିକଳ୍ପହୀନ ହୋଇଯାଆନ୍ତି। ସେମାନେ କ'ଣ କରିବି କ'ଣ ନ କରିବି ଅସାମଞ୍ଜସ୍ୟ ଅବସ୍ଥାରେ ପଡି ଚିନ୍ତା କରନ୍ତି । ଜୀବନକୁ ଅନ୍ଧକାରମୟ ମନେ କରନ୍ତି। ଅନେକ ସମୟରେ ମାନସିକ ରୋଗ ବିଶେଷଜ୍ଞ ମଧ୍ୟ ସେମାନଙ୍କର ନିରାଶାର ଅନ୍ତ ଘଟାଇ ପାରନ୍ତି ନାହିଁ। ଏଭଳି ସମୟରେ ଆନ୍ତରିକ ମନରେ କରାଯାଇଥିବା ପ୍ରାର୍ଥନା ହିଁ ମନୁଷ୍ୟ ପାଇଁ ବରଦାନ ସାବ୍ୟସ୍ତ ହୋଇଥାଏ। ହୃଦୟରେ ପ୍ରାର୍ଥନା ସହିତ ମନୁଷ୍ୟ କେବଳ ଆଭ୍ୟନ୍ତରୀଣ ଶାନ୍ତି ପାଏ ନାହିଁ ବରଂ ଏହା ଜୀବନ ବଞ୍ଚିବାର ଏକ ନୂଆ ପଦ୍ଧତିରେ ବିକଶିତ କରିଥାଏ। ଅବସାଦ ସହିତ ଲଢ଼ିବା ପାଇଁ ପ୍ରାର୍ଥନା ଏକ ପ୍ରଭାବଶାଳୀ ଉପାୟ। ପ୍ରାର୍ଥନାରେ ମନୁଷ୍ୟ ନିଜକୁ ଜଗତର ବାହାରକୁ ଯାଇ ସତ ମିଛ ଜାଣିବାକୁ ଚେଷ୍ଟା କରିଥାଏ। ପ୍ରାର୍ଥନାରେ ମନୁଷ୍ୟ ତା'ର ଦୋଷ ଓ ଅବଗୁଣକୁ ସ୍ୱୀକାର କରିଥାଏ । ଆନ୍ତରିକତା ସହିତ ପ୍ରଭୁଙ୍କୁ କ୍ଷମା ମାଗିଥାଏ । ଭଗବାନ କେବଳ ତାର ଅତୀତର ଭୁଲକୁ କ୍ଷମା କରିନଥାନ୍ତି, ବରଂ ଭବିଷ୍ୟତ ପଥ ଦେଖାଇ ଆଶୀର୍ବାଦ ମଧ୍ୟ କରନ୍ତି। ବିଶ୍ୱାସ ବିନା ପ୍ରାର୍ଥନା କରିବାର କୌଣସି ଅର୍ଥ ନାହିଁ । ପ୍ରାର୍ଥନାରେ ବିଶ୍ୱାସ ଜରୁରୀ । ବିଶ୍ୱାସରେ ପରିପୂର୍ଣ୍ଣ ବ୍ୟକ୍ତି ହିଁ ଜାଣେ ତାର ପରମେଶ୍ୱର ସର୍ବଶକ୍ତିମାନ ଏବଂ ସେ ନିଶ୍ଚିତ ଭାବରେ ତା ପ୍ରତି ନ୍ୟାୟ କରିବେ। ଯଦି ପ୍ରାର୍ଥନାରେ ବିଶ୍ୱାସ ଓ ସଚ୍ଚୋଟତା ରହେ, ତେବେ ମନୁଷ୍ୟ ସିଧାସଳଖ ଈଶ୍ୱରଙ୍କ ସହିତ ଯୋଡ଼ି ହୋଇଯାଏ। ପ୍ରାର୍ଥନା ପ୍ରକୃତରେ ଏକ ବଡ଼ ସମ୍ମାନ ଏବଂ ଏକ ବିଶେଷ ଉପହାର। ସତ କଥା ହେଉଛି ମନୁଷ୍ୟ ମନର ଜ୍ୟୋତିକୁ ଭଗବାନଙ୍କ ନିକଟରେ ସମର୍ପଣ କରିବା ଦ୍ୱାରା ତା'ର ସମସ୍ତ ଚିନ୍ତା ଦୂର ହୋଇଥାଏ। ପ୍ରାର୍ଥନା ମାଧ୍ୟମରେ ଦୁର୍ଲଭ ଜିନିଷ ପାଇପାରିବ। ଏପରିକି ଭଗବାନଙ୍କୁ ପ୍ରାର୍ଥନା ଦ୍ୱାରା ପ୍ରାପ୍ତ କରାଯାଇପାରିବ। ପ୍ରାର୍ଥନା ମନକୁ ଶାନ୍ତି ଓ ଅସୀମ ସୁଖ ଦେଇଥାଏ, କିନ୍ତୁ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବା ଆମର ପ୍ରକୃତ ଆନୁଗତ୍ୟକୁ ଦର୍ଶାଏ । ପ୍ରାର୍ଥନା କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ। ଯେ କୌଣସି ସମୟରେ ସର୍ବଶକ୍ତିମାନ ଭଗବାନଙ୍କ ନିକଟରେ ପ୍ରଣାମ କରିପାରିବେ। ଏପରି ନୁହେଁ ଯେ କେବଳ ମନ୍ଦିର ଆଧ୍ୟାତ୍ମିକସ୍ଥଳ ବା ପୂଜାସ୍ଥଳକୁ ଯାଇ ପ୍ରାର୍ଥନା କରିବ.... ଯେ କୌଣସି ସମୟରେ, ଯେ କୌଣସି ସ୍ଥାନରେ ଓ ଯେ କୌଣସି ପରିବେଶରେ ଆମେ ଭଗବାନଙ୍କୁ ହୃଦୟର ସହିତ ପ୍ରାର୍ଥନା କରିପାରିବା। ଦେଖେଇ ନ ହୋଇ ଶ୍ରଦ୍ଧା ଭାବନା ସହିତ ଭଗବାନଙ୍କୁ ସ୍ମରଣ କରିବା ହେଉଛି ପ୍ରାର୍ଥନା। ପ୍ରାର୍ଥନାର ଉଜ୍ଜ୍ୱଳ ମହିମା ଓ ଗୌରବ ଅବର୍ଣ୍ଣନୀୟ ଓ ଅନିର୍ବଚନୀୟ। କେବଳ ସେହି ଭକ୍ତମାନେ ଯେଉଁମାନେ ଅକପଟ, ସବୁପ୍ରକାର ଛଳନାରୁ ମୁକ୍ତ ଓ ସଚ୍ଚୋଟ ସେମାନେ ପ୍ରାର୍ଥନାର ଦୀପ୍ତି, ଶୋଭା, ସୌନ୍ଦର୍ଯ୍ୟ, ଉପକାରିତା ଓ ଉପଯୋଗିତା ଉପଲବ୍ଧି କରିପାରିଛନ୍ତି...

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ଜାଗ୍ରତ ରାଷ୍ଟ୍ର ଗଠନରେ ଆଇନ

## ସୌରଚନ୍ଦ୍ର ମହାପାତ୍ର

ଆଜି ହେଉଛି ଭାରତୀୟ ଜାତୀୟ ଆଇନ ସଚେତନତା ଦିବସ । ଗଣତନ୍ତ୍ରର ଅନ୍ୟତମ ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକା ଉପରେ ଦିନକୁ ଦିନ ଜନସାଧାରଣଙ୍କ ବିଶ୍ୱାସ ଓ ଭରସା ବୃଦ୍ଧି ପାଉଥିବାବେଳେ ଆଇନ ସଚେତନତା ଦିବସ ଦ୍ୱାରା ସାଧାରଣରେ ଆଇନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାତବ୍ୟ ତଥ୍ୟ ଜାଣିବା ସହ ନିଜ ପାଇଁ ଆଇନ ପ୍ରାସଙ୍ଗିକ ବିଷୟକୁ ନେଇ ସଚେତନତା ହେବାର ଦିନଟିଏ ହେଉଛି ଜାତୀୟ ଆଇନ ସଚେତନତା ଦିବସ । ବର୍ଷ ବର୍ଷ ଧରି ଭାରତୀୟ ପିଙ୍ଗଳ ସଂହିତାରେ ସୂଚୀତ ହୋଇଥିବା ବିଭିନ୍ନ ଆଇନର ବ୍ୟବସ୍ଥା ସାମ୍ପ୍ରତିକ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ସମସ୍ତଙ୍କ ପାଇଁ ଆଇନ କାନୁନ୍ ଜାଣିବା ହେଉଛି ଜଣେ ଯଥାର୍ଥ ନାଗରିକର ଦାୟିତ୍ୱ । ସଂପ୍ରତି ଦେଖାଦେଉଛି ସରକାରୀ କଳ ଠାରୁ ଜାତୀୟ ଓ ରାଜ୍ୟ ତଥା ସାମ୍ପ୍ରତିକ ସମସ୍ୟାଭିତ୍ତିକ ପ୍ରସଙ୍ଗରେ ନ୍ୟାୟ ପାଳିକା ହସ୍ତକ୍ଷେପ କରି ସଂପୃକ୍ତ ପକ୍ଷକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି । କହିବାକୁଗଲେ ଭାରତୀୟ ନ୍ୟାୟପାଳିକା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଓ ପ୍ରଶଂସନୀୟ ହେଉଛି । ଭାତ ହାଣ୍ଡିରୁ ଗୋଟିଏ ପରି କଟକ ସହରର ପିଇବା ପାଣି ବ୍ୟବସ୍ଥା ଠାରୁ ରାସ୍ତାଘାଟ ମରାମତି, ସମସ୍ୟା ବହୁଳ ପ୍ରସଙ୍ଗ ନେଇ ଶିକ୍ଷାୟତନରେ ତାଲା ବନ୍ଦ ଠାରୁ ଖୋଦ୍ ଡାକ୍ତରଖାନା ସମ୍ମୁଖରେ ପଡ଼ି ଛଟ ପଟ ହେଉଥିବା ରୋଗୀଟି ପାଇଁ ମାନ୍ୟବର ନ୍ୟାୟାଳୟ ନିଜ ଆଡୁ ଏ ନେଇ ମାମଲା ରୁଜୁ କରି ବ୍ୟବସ୍ଥାର ସୁଧାର ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଉଛନ୍ତି । ଯାହାର ସୁଫଳ ସଂପୃକ୍ତ ରୋଗୀ ବା ଅନୁଷ୍ଠାନ ତତ୍‌କାଳ ପାଇବାରେ ସମର୍ଥ ହେଉଛନ୍ତି ।

ମୁଖ୍ୟ କଥା ହେଉଛି ଦିନକୁ ଦିନ ନ୍ୟାୟାଳୟରେ ମାମଲାର ବୋଝ ବୃଦ୍ଧି ପାଉଥିବାବେଳେ ସେହି ତୁଳନାରେ ମାନ୍ୟବର ବିଚାରପତି ଓ ଆନୁସଙ୍ଗିକ କର୍ମଚାରୀଙ୍କୁ ନୂତନ ନିଯୁକ୍ତି ଦିଆଯାଉନାହିଁ । ବର୍ଷ ବର୍ଷ ଧରି ମାମଲା ଖତ ଖାଇ ପରିଶେଷରେ ରାୟ ପ୍ରକାଶ ପାଇଲା ବେଳକୁ ଉଭୟ ମୁଦଲା ଓ ମୁଦେଇ ଜୀବନରେ ରହିନଥାନ୍ତି । ତେଣୁ ଯଥାର୍ଥରେ କୁହାଯାଏ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ । ନିତିଦିନିଆ ଜୀବନରେ ଦେଖାଯାଇଥାଏ ଆମ୍ଭେମାନେ ଜାଣି ମଧ୍ୟ ଧର୍ମକୁ ଆଖିଠାର ପରି ନ୍ୟାୟାଳୟକୁ ସମ୍ମାନ ପ୍ରଦର୍ଶନ କରିନଥାଉ । ବ୍ୟକ୍ତିଗତ ଜୀବନରେ ଦେଶର ସମ୍ବିଧାନ ଓ ନ୍ୟାୟର ବିଭିନ୍ନ ଦିଗ ଉପରେ ଜାଣିବା ସମସ୍ତଙ୍କ ପାଇଁ ଜରୁରୀ । ସଂପ୍ରତି ଭାରାକ୍ରାନ୍ତ ମାମଲାକୁ ଲାଘବ ପାଇଁ ମାନ୍ୟବର କୋର୍ଟ ବିଭିନ୍ନ ସମୟରେ ଭ୍ରାମ୍ୟମାଣ କୋର୍ଟ, ଲୋକ ଅଦାଲତ ଓ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ଲୋକମାନଙ୍କ ପାଖରେ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି । ଆଇନକୁ ନେଇ ଜଣେ ଯଦି ସଚେତନ ନହୁଏ ତାହେଲେ ସେ ଲୋକକୁ ନ୍ୟାୟାଳୟ ନ୍ୟାୟ ପ୍ରଦାନ ପାଇଁ ବିଳମ୍ବ ହେବା ସ୍ୱାଭାବିକ । ବର୍ତ୍ତମାନ ଦେଖାଯାଉଛି କଥା କଥାକେ ଲୋକେ ଥାନା, କୋର୍ଟ କଚେରୀ ଧାଉଁଛନ୍ତି ଯାହାଦ୍ୱାରା ସେମାନଙ୍କ ମାନସିକ, ଶାରୀରିକ ଓ ଆର୍ଥିକ ସହିତ ବହୁମୂଲ୍ୟ ସମୟ ନଷ୍ଟ ହେଉଛି । ଭାରତ ବାହାରେ ପ୍ରାୟତଃ ସମସ୍ତ ରାଷ୍ଟ୍ରରେ ଲୋକମାନେ ସେହି ଦେଶର ସଂଘୀୟ ବ୍ୟବସ୍ଥା ପ୍ରଚଳିତ ଆଇନକୁ ଯଥେଷ୍ଟ ସମ୍ମାନ ପ୍ରଦାନ କରିଥାନ୍ତି । ଯାହାକି ଭାରତ ବର୍ଷରେ ବିରଳ । ସେହିପରି ଅନେକ କ୍ଷେତ୍ରରେ ଦେଖାଯାଇଛି ହୃଦୟବାନ ଓ ଜ୍ଞାନଦୀପ୍ତ ଧର୍ମାବତାରମାନେ ସବୁଦିଗରୁ ବିଚାର କରି ସଠିକ୍ ନ୍ୟାୟ ପ୍ରଦାନ କରିଥାନ୍ତି । ନ୍ୟାୟର ଦଣ୍ଡ ଧରିଥିବା ବିଚାରପତିମାନଙ୍କୁ ଭାରତୀୟ ଚିନ୍ତା ଓ ଚେତନାରେ ଧର୍ମାବତାର ବୋଲି ସମ୍ବୋଧିତ କରାଯାଏ । ସରକାରୀ ଓ ବିଭିନ୍ନ ବେସରକାରୀ ସଂଗଠନର ମିଳିତ ଆୟୋଜନରେ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ଲୋକମାନଙ୍କୁ ସୂଚିତ ପାଇଁ ବିଭିନ୍ନ ପ୍ରକାର ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଜଣେ ନାଗରିକ ନିଜର ହକ୍ ଓ ତଥ୍ୟ ଜାଣିବାର ସଚେତନର ଭାବ ରହିଲେ ଆଇନର ସଚେତନତା ବୃଦ୍ଧି ପାଇବ । କଟକରେ ଭାରତର ଗୌରବ ପରି ଜାତୀୟ ଆଇନ ମହାବିଦ୍ୟାଳୟ ଖୋଲାଯାଇଛି । ଭାରତ ଓ ଭାରତ ବାହାରୁ ବିଭିନ୍ନ ଦେଶର ଆଇନ ଛାତ୍ରଛାତ୍ରୀମାନେ ଏଠାରେ ଶିକ୍ଷାଦାନ ଗ୍ରହଣ କରୁଛନ୍ତି । ସରକାରଙ୍କ ଜାଗୋ ଗ୍ରାହକ ଜାଗେ ବ୍ୟବସ୍ଥାରେ ଆଇନର ସଚେତନତା ଦ୍ୱାରା ହିଁ ନାଗରିକ ବା ଗ୍ରାହକମାନେ ଜାଗରିତ ହୋଇପାରୁଛନ୍ତି । ଆଇନ ସଚେତନତା ପାଇଁ ସଂପ୍ରତି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗଣଶିକ୍ଷା ବିଭାଗରୁ ସ୍ୱତନ୍ତ୍ର ଭାବରେ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ପାଇଁ ଏବଂ ବିଶେଷକରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଓ ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ସରକାର ଜନାଭିମୁଖୀ ପଦକ୍ଷେପ ନେଇ ସେମାନଙ୍କୁ ମାଗଣା ଆଇନ ସେବା ଯୋଗାଇବାର ବ୍ୟବସ୍ଥା ରଖିଛନ୍ତି । ଆଇନକୁ ସଚେତନଧର୍ମୀ କରି ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ପାଇଁ ଗଣମାଧ୍ୟମ ଠାରୁ, ବେସରକାରୀ ସଂଗଠନ ଓ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଜି ଜାତୀୟ ଆଇନ ସଚେତନତା ଦିବସ ଅବସରରେ ସମସ୍ତେ ଭାରତୀୟ ସଂଘୀୟ ବ୍ୟବସ୍ଥାର ଆଇନକୁ ସମ୍ମାନ ଜଣାଇ ସଚେତନ ହେବାଦ୍ୱାରା ଏକ ପ୍ରଗତିଶୀଳ ଓ ଜାଗ୍ରତ ରାଷ୍ଟ୍ର ଗଠନ କରିବାରେ ନିଜକୁ ଉତ୍ସର୍ଗ କରିବା ।

♥ ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୪୭)

## ରାଇବଣିଆ ଅଞ୍ଚଳରେ କଲେଜ ପ୍ରତିଷ୍ଠାର ସୂଚନା

ଜୟନାରାୟଣ ବାବୁଙ୍କୁ ମୁଁ ଓ ମନୋରଞ୍ଜନ ନିବେଦନ କଲୁଁ ସେ କାମରେ ସହାୟତା କେବଳ ନୁହେଁ, ସମସ୍ତ ଦାୟିତ୍ୱ ବହନ କରିବାପାଇଁ।
ସେ ଆଗାମୀ ୦୭ ଡିସେମ୍ବର, ରବିବାର ଦିନ ରାଇବଣିଆ ଅଞ୍ଚଳର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନିଜ ଗୃହକୁ ନିମନ୍ତ୍ରଣ କରିବା ପାଇଁ ମନୋରଞ୍ଜନଙ୍କୁ ପରାମର୍ଶ ଦେଲେ। ସେ ସେଥିରେ ନିଶ୍ଚୟ ଯୋଗ ଦେବେ ଓ ସେହି ଦିନ ତାଙ୍କର ମତ ଜଣାଇବେ ବୋଲି କହିଲେ ।

ନଭେମ୍ବର ୩୦ ତାରିଖ,୧୯୮୬ ମସିହା ରବିବାର ---

ସେ ଦିନଟି ମୋଭଳି ଆମ ଅଞ୍ଚଳର ଅନେକଙ୍କ ପାଇଁ ଥିଲା ଏକ ଆନନ୍ଦ- ବିହ୍ୱଳିତ ଦିବସ । ଜଳେଶ୍ୱରର ଆକାଶ ବତାସରେ ସଞ୍ଚରି ଯାଉଥାଏ ଚିତ୍ତ ଉଲ୍ଲାସକ ବାର୍ତ୍ତା। ତାହା ଥିଲା -- ଅଳ୍ପଦିନ ପୂର୍ବରୁ ଜଳେଶ୍ୱରର ଶ୍ରୀଜଗନ୍ନାଥ ମହିଳା ମହାବିଦ୍ୟାଳୟକୁ ସରକାରୀ ସ୍ୱୀକୃତି ପ୍ରାପ୍ତିର ସୁସଂବାଦ । ତଦୁପଲକ୍ଷେ ଏକ ବନ୍ଧୁ ମିଳନର ଆୟୋଜନ କରାଯାଇଥାଏ ସେଇ ୩୦ତାରିଖ ଦିନ ଜଳେଶ୍ୱର ଡାକ ବଙ୍ଗଳାରେ । ମୁଁ , ଆମ ଗାଆଁର ରାଜକିଶୋର ଜେନା ଓ ମଧୁସୁଦନ ଦେ ଏକା ସାଥିରେ ଯାଇ ସେଥିରେ ଯୋଗଦେଲୁଁ ।

ବିଭିନ୍ନ ଅଞ୍ଚଳରୁ ଅନେକ ଶୁଭେଚ୍ଛୁଙ୍କର ସମାଗମ ହେଲା । ଡା. ଅତୁଲ ଚନ୍ଦ୍ର ପାତ୍ର ସଭାପତିତ୍ୱ କଲେ । ଏ କଲେଜକୁ ସ୍ୱୀକୃତି ପ୍ରଦାନ କରିଥିବାରୁ ଓଡିଶା ସରକାର ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣକରି ସଂପାଦକ ଶ୍ରୀ ଜୟ ନାରାୟଣ ମହାନ୍ତି ଏକ ପ୍ରସ୍ତାବ ଆଗତ କଲେ । ନିର୍ବିବାଦରେ ତାହା ଗୃହୀତ ହେଲା । ପୁନଶ୍ଚ, କଲେଜର ଉନ୍ନତି ଓ ସ୍ଥାୟିତ୍ୱ ନେଇ ସମସ୍ତଙ୍କର ସହଯୋଗ କାମନା କଲେ ସଂପାଦକ ମହୋଦୟ । ପ୍ରତ୍ୟେକେ କରତାଳି ଦେଇ ନିଜନିଜର ସମର୍ଥନ ଜଣାଇଲେ। ତାପରେ ସମସ୍ତେ ମହାପ୍ରସାଦ ସେବନ କଲେ । ସମସ୍ତଙ୍କ ମୁହଁରୁ ଡା.ପାତ୍ରଙ୍କ ମହତ୍ ଦାନ, ଜୟ ନାରାୟଣ ବାବୁଙ୍କ ନିଷ୍ଠାପର ଉଦ୍ୟମ ଏବଂ କେଶବ ବାବୁ ପ୍ରଭୃତିଙ୍କର ଉଦ୍ୟୋଗର ଭୂୟସୀ ପ୍ରଶଂସା ଶୁଣା ଯାଉଥାଏ ।

ଏହାପରେ, ଜଣେ ଯୁବ ସମାଜସେବୀ ତେଘରି ଗ୍ରାମର ଶ୍ରୀ ମନୋରଞ୍ଜନ ଜେନା ତାଙ୍କ ଗ୍ରାମରେ ଏକ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାପନ ନିମନ୍ତେ ସହାୟତା କରିବା ପାଇଁ ଜୟନାରାୟଣ ବାବୁଙ୍କୁ ଅନୁରୋଧ କରିବାପାଇଁ ମୋତେ କହିଲେ। ସେ ପୁନର୍ବାର ଜଣାଇଲେ ଯେ ଶ୍ରୀ ଜ୍ଞାନେନ୍ଦ୍ର ନାଥ ଡଗର ସେହି ବାଳିକା ଉଚ୍ଚବିଦ୍ୟାଳୟକୁ ସରଡିହାରେ ଆରମ୍ଭ କରିବା ନିମନ୍ତେ ତାଙ୍କୁ ପ୍ରସ୍ତାବ ଦେଇଛନ୍ତି । ତାଙ୍କର ନିଜସ୍ୱ ମତ କଣ ବୋଲି ମୁଁ ଜାଣିବାକୁ ଚାହିଁବାରୁ ସେ ନିଜ ଗ୍ରାମ ତେଘରିରେ ତାହା ନିଜ ବାପାଙ୍କ ନାମରେ ସ୍ଥାପନ କରିବାକୁ ଇଚ୍ଛୁକ ଥିବା କଥା ଜଣାଇଲେ । ଦାତାଙ୍କର ଇଚ୍ଛାକୁ ସମ୍ମାନ ଦିଆଯିବ ବୋଲି ମୁଁ ମୋ ମତ ପ୍ରକାଶ କଲି।

ଜୟନାରାୟଣ ବାବୁଙ୍କୁ ମୁଁ ଓ ମନୋରଞ୍ଜନ ନିବେଦନ କଲୁଁ ସେ କାମରେ ସହାୟତା କେବଳ ନୁହେଁ, ସମସ୍ତ ଦାୟିତ୍ୱ ବହନ କରିବାପାଇଁ।

ସେ ଆଗାମୀ ୦୭ ଡିସେମ୍ବର, ରବିବାର ଦିନ ରାଇବଣିଆ ଅଞ୍ଚଳର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନିଜ ଗୃହକୁ ନିମନ୍ତ୍ରଣ କରିବା ପାଇଁ ମନୋରଞ୍ଜନଙ୍କୁ ପରାମର୍ଶ ଦେଲେ। ସେ ସେଥିରେ ନିଶ୍ଚୟ ଯୋଗ ଦେବେ ଓ ସେହି ଦିନ ତାଙ୍କର ମତ ଜଣାଇବେ ବୋଲି କହିଲେ । ତାଙ୍କ ପରାମର୍ଶରେ ଡା. ଅତୁଲ ଚନ୍ଦ୍ର ପାତ୍ର, ବସନ୍ତ କୁମାର ସେନାପତି, ଲକ୍ଷ୍ମୀକାନ୍ତ କର, ସତ୍ୟବ୍ରତ ଦାସ, ଅଭିଜିତ ପ୍ରଧାନ, ଅଜୟ କୁମାର ପରିଡା, ବନବିହାରୀ ଦାସ ଓ କେଶବ କୁମାର କର ପ୍ରଭୃତିଙ୍କୁ ୦୭ତାରିଖ ଦିନ ତେଘରି ଯିବା ନିମନ୍ତେ ଅନୁରୋଧ କଲୁଁ। ପ୍ରତ୍ୟେକେ ନିଜନିଜର ସମ୍ମତି ଜଣାଇଲେ। ମନୋରଞ୍ଜନ ସେମାନଙ୍କର ଯିବା ଆସିବାର ବନ୍ଦୋବସ୍ତ କଲେ ।

ରାଇବଣିଆ ଅଞ୍ଚଳର ତେଘରି ଗ୍ରାମରେ ଏକ କଲେଜ ପ୍ରତିଷ୍ଠାର ସ୍ୱପ୍ନ ଜୟ ନାରାୟଣବାବୁ ଦେଖୁଛନ୍ତି ବୋଲି ସେଦିନ କେହି କଳ୍ପନାବି କରି ନଥିଲେ । କିନ୍ତୁ , ତାହାହିଁ ଥିଲା ଭଗବାନଙ୍କର ଇଚ୍ଛା !

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ଗଳ୍ପ

# ଅପେକ୍ଷା

ଶ୍ରୀନିବାସ ସେଠୀ



ମୋ ପାଖ ସିଟରେ ବସିଥାଏ ସ୍ତ୍ରୀ ଲୋକଟି । ଦୁଇ ଟିକିଆ ସିଟ୍। ଝରକା ପାଖକୁ ମୁଁ । ମୋ ପାଖକୁ ସେ । ସେ କିନ୍ତୁ ଏ ବୟସରେ ବି ଖୁବ୍ ସୁନ୍ଦର ଦିଶୁଥାଏ । ମୋତେ ସେତେବେଳକୁ ତେତିଶ ହୁଏତ ତାକୁ ହେବ ତେପନ ।

ଟ୍ରେନ୍ ବଡ ବେଗରେ ଦଉଡୁଥାଏ ଦୁଇ ଷ୍ଟପେଜ ମଝିରେ ।

ମୁଁ ନିରବରେ ବସିଥାଏ । ହଠାତ୍ ମୁଁ ଖୋଲି ହୋଇ ପାରେନା କାହା ପାଖରେ ଏତେ ଚଞ୍ଚଳ । ଝରକା ବାହାରକୁ ଦେଖୁଥାଏ । ଗଛ ପତ୍ରକୁ ଦେଖୁଥାଏ କିନ୍ତୁ ତାକୁ ଦେଖୁ ନଥାଏ । ସେ କିନ୍ତୁ ମୋତେ ଦେଖି ହସିଲା । ଅନ୍ଧାର ରାତିରେ ଦୁଇ ପାଖ ବାଉଁଶ ବୁଦା ଭିତରେ ଗାଁ ରାସ୍ତାରେ ହଠାତ୍ ରୋଡ ଲାଇଟ ଦପ୍ କରି ଜଳି ଉଠିଲେ ଯେମିତି ସୁନ୍ଦର ଦେଖାଯାଏ ସବୁ କିଛି ସେଇମିତି ତା ହସରେ ମିଠା ମିଠା ଲାଗିଲା ମୋତେ ସମୟ ।

ସ୍ତ୍ରୀ ଲୋକମାନେ ଝରକା ପାଖରେ ବସିବାକୁ ଭଲ ପାଆନ୍ତି । ମୁଁ ପଚାରିଲି, 'ଝରକା ପାଖକୁ ବସିବେ ?'

- ନାଇଁ, ତୁ ବସି ଥା ।

ଏଇ ତୁ ଡାକରେ ମୁଁ ସହଜ ହୋଇ ଉଠିଲି ।

ସେ ପୁଣି କହିଲା, 'ମୋ ପୁଅକୁ ବି ଭଲ ଲାଗେ ଝରକା ପାଖରେ ବସିବାକୁ । ଯେବେ ସାଙ୍ଗରେ ଯାଉ, ସବୁବେଳେ ଝରକା ପାଖରେ ବସିବାକୁ ଯିଦ କରେ ।'

ମୁଁ ଏବେ ବହୁତ ଗେହ୍ଲା ଗେହ୍ଲା ଲାଗିଲି ତା ପାଖରେ।

ସ୍ତ୍ରୀ ଲୋକଟି ଏକା ଏକା ଯାଉଛି । କୁଆଡେ ଯାଉଛି ? ହୁଏତ ମନେ ପକାଉଛି ତା ପୁଅକୁ ।

ଏହି ସମୟରେ ପଛ ପଟରୁ ଜଣେ ବୟସ୍କ ଲୋକ ଗୋଟିଏ କପ୍ ଚାହା ଆଣି ଧରାଇଲା ତା ହାତରେ ।

- ପୁଅର ଚାହା କାହିଁ ? ସ୍ତ୍ରୀ ଲୋକଟି ପଚାରିଲା ।

ଲୋକଟି ଟିକିଏ ଥତମତ ହୋଇ ସେ ଚାହାବାଲାକୁ ଖୋଜିଲା । ଚାହାବାଲା ଚାହା ଦେଇ ପଳାଇ ଯାଇଛି ଅନ୍ୟ ବଗିକୁ।

- ଆପଣ ପି ନିଅନ୍ତୁ । ମୁଁ ଚାହା ପିଏନି । ମୁଁ ଧୀରେ କହିଲି ।

- ମୋ ପୁଅ ମଧ ଚାହା ପିଏନି । କିନ୍ତୁ କେବେ କେବେ ଟ୍ରେନ୍, ବଜାର କି ଛକରେ ଥିଲେ ହଠାତ୍ କହେ, 'ମୋତେ ବି ଚାହା ଦେ ବୋଉ ।' ତୁ ପିଇ ଦେ ଚାହା । ଚାହାବାଲା ଏଇ ପଟେ ପୁଣି ଫେରିବ । ମୁଁ ସେତେବେଳେ ପିଇବି ।

ମୁଁ ମନା କରୁ କରୁ ସେ ଜୋରକରି ମୋ ହାତରେ ଚାହା କପ ଧରାଇଦେଲା।

ପୁଣି ଟିକିଏ ସମୟ ପରେ ସେ ବୟସ୍କ ଲୋକଟି ଦେଇଗଲା ଝାଲମୁଢି । ଏଥର କିନ୍ତୁ ସେ ଭୁଲ କରିନଥିଲା । ଦୁଇ ଠୁଙ୍ଗା ଝାଲମୁଢ଼ି । ସ୍ତ୍ରୀ ଲୋକଟି ପାଇଁ ଗୋଟିଏ ଆଉ ମୋ ପାଇଁ ଗୋଟିଏ ।

- କେମିତି ଜାଣିଲେ ମୁଁ ଝାଲମୁଢ଼ି ଖାଏ ବୋଲି ?

- ଜାଣିଛି । ମୋ ପୁଅ ଭଲ ପାଏ।

ଏଇମିତି। ମଝିରେ ମଝିରେ ପୁରୁଷ ଲୋକଟି ନିଜ ସିଟରୁ ଉଠି ଆସି ତାକୁ କିଛି କିଛି ଦେଉଥାଏ। ସାଥିରେ ମୋତେ ବି। ସିଟ୍ ତାଙ୍କର ଅଲଗା ଅଲଗା ହୋଇ ପଡ଼ିଛି। ଉପାୟ କିଛି ନାହିଁ, ତାକୁ ଉଠିବାକୁ ପଡୁଥାଏ ।

ମୁଁ ପଚାରିଲି, 'ମଉସା ! ଆପଣ ମୋ ସିଟ୍‌କୁ ଆସିଯାନ୍ତୁ । ଆପଣ ଦୁଇ ଜଣ ସାଙ୍ଗ ହୋଇ ବସିଯିବେ । ମୁଁ ତ ଏକୁଟିଆ, ଆପଣଙ୍କ ସିଟ୍‌ରେ ବସିଯିବି ।

ସ୍ତ୍ରୀ ଲୋକଟି ମୋ କଥା ଶୁଣି ହଠାତ୍ କହିଉଠିଲା, 'ତୁ ବସ୍ ! ଝରକା ପାଖ ସିଟ୍ ତୋର । ବାହାରକୁ ଦେଖିବୁ ଭଲ ଲାଗିବ। ଆମେ ତ ଘରେ ସବୁବେଳେ ସାଙ୍ଗ ହୋଇ ଚବିଶ ଘଣ୍ଟା ରହୁଛୁ । ଏଇ କେତେ ଘଣ୍ଟା ଅଲଗା ହୋଇ ତୋ ପାଖରେ ବସିବାକୁ ଭଲ ତ ଲାଗୁଛି।'

ସେ ଚାହାବାଲା ଏ ପର୍ଯ୍ୟନ୍ତ ଫେରିନି । ସ୍ତ୍ରୀ ଲୋକଟି ଚାହା ବୋଧେ ଖୋଜୁଥିଲା ।

ଗରମ ଦିନ । ଝରକା ଦେଇ ଥଣ୍ଡା ପବନ ବୋହୁଛି । ମୋ ଆଖି ଲାଗି ଲାଗି ଆସୁଛି । କେତେବେଳ ଯେ ସ୍ତ୍ରୀ ଲୋକର କାନ୍ଧରେ ମୁଣ୍ଡ ରଖି ମୁଁ ଶୋଇ ପଡିଛି ମୋତେ ଜଣା ନାହିଁ ।

ଏହା ଭିତରେ କେତେବେଳେ ଚାହାବାଲା ଆସି ଫେରି ଯାଇଛି । ସ୍ତ୍ରୀ ଲୋକଟି କିନ୍ତୁ ଚାହା ପିଇନାହିଁ, କୁଆଡେ ଚାହା ପିଇଲେ ତା କାନ୍ଧର ମଥା ରଖି ଶୋଇଯାଇବାରୁ ମୋ ନିଦ ଭାଙ୍ଗି ଯିବ ବୋଲି । ହୁଏତ ସେ ଚାହା ପିଇନାହିଁ, ତା ପୁଅ ଯେବେ ଶୋଇ ପଡ଼ିଛି , ତାକୁ ଏକାକିନୀ ଚାହା ପିଇବାକୁ ଭଲ ଲାଗିନି।

ବୟସ୍କ ଲୋକଟି ବ୍ୟାଗ ଉପରୁ ଓହ୍ଲାଇ ତଳେ ରଖିଲାଣି । ଲୋକଟି ଦୁଇ ଥର ଆସି କହି ଗଲାଣି । 'ରେଡି ହୋଇ ଯା । ଆସୁଛି ଆମ ଷ୍ଟପେଜ ।'

- 'ହଉ ଆସୁ । ଛୁଆଟା ଶୋଇଛି କାନ୍ଧରେ, ଆଉ ଟିକିଏ ଯାଉ । ଆସୁ ଆମ ଷ୍ଟପେଜ ।'

ହଠାତ୍ ମୋ ନିଦ ଭାଙ୍ଗିଗଲା । ଆଖି ମଳି ମଳି କହିଲି, 'ସରି ! ମୋତେ ଜଣା ନାହିଁ । ମୁଁ ଶୋଇ ପଡ଼ିଛି ଆପଣଙ୍କ କାନ୍ଧରେ।'

ସେ ଉଦାସ ହୋଇ କହିଲା, 'ମୋ ପୁଅ କିନ୍ତୁ ସରି କୁହେନି । କାହିଁକି କହିବ ? ମୁଁ ତ ତାର ମାଆ । ସେ ମୋ କାନ୍ଧରେ ଶୋଇବନି ତ ଆଉ କାହା କାନ୍ଧରେ ଶୋଇବ ?'

ବାସ୍ ! ବଡ ଅଭିମାନରେ ଉଠିଲା ସେ। ବେଶି କଥା କହିଲାନି । ମୁଁ ତାଙ୍କ ବ୍ୟାଗ ନେଇ ତଳକୁ ଓହ୍ଲେଇ ଦେଲି ତଥାପି କିଛି କହିଲା ନାହିଁ । ବୟସ୍କ ଲୋକଟି ମୋତେ ଧନ୍ୟବାଦ ଦେଇ କହିଲା, ଭଲରେ ଯିବାକୁ। ସେ କିନ୍ତୁ କିଛି କହିଲା ନାହିଁ ।

ପୁରୁଷ ଲୋକଟି ଦୂରରେ ଲାଇନ ଆରପଟକୁ ହାତ ଦେଖାଇ କହିଲା , ସେଇପଟେ ଆମ ଘର ।

ମୁଁ ଦେଖିଲି, ଲାଇନ ଆରପଟେ ସଂଜର ଜହ୍ନ ଢଳ ଢଳ ହେଉଥିଲା ସେ ବାଉଁଶ ବୁଦା ଉହାଡରେ ।

ସେ ସ୍ତ୍ରୀ ଲୋକଟି କିନ୍ତୁ ମୋତେ ଡାକିଲାନି ତା ଘରକୁ ଯିବାକୁ ।

କିଏ ଏ ସ୍ତ୍ରୀ ଲୋକଟି ? କ'ଣ ହୋଇଛି ? ତା ପୁଅ କ'ଣ ବହୁତ ଦୂରରେ, ଆମେରିକା କି ସୁଇଜରଲ୍ୟାଣ୍ଡରେ ? ସେ କ'ଣ ଫେରେନି ବର୍ଷ ବର୍ଷ ଧରି ?

ସେ ଅଛି ନା ନାହିଁ ? ଏଇ ଶେଷ କଥା ଭାବି ମୁଁ ମଧ ଡରିଲି । ନା , ସେଇମିତି ନ ହୋଇଥାଉ । ସେ ଥାଉ ପୁଅଟିଏ ହୋଇ, ଦୂରରେ ହେଲେ ବି । ପୁଣି ମୁଁ ତାଙ୍କୁ ଅନାଇଲି । ସେ ମୋତେ ଫେରି ଚାହୁଁନାହିଁ ।

ଏଇମିତି କ'ଣ କେହି ଅଭିମାନ କରେ ଗୋଟିଏ 'ସରି' ଶବ୍ଦରେ । ଓହ୍ଲାଇ ପଡି ପଛକୁ ଫେରି ଥରେ ମୋତେ ଚାହିଁଲା ନାହିଁ। ମୁଁ ଛିଡ଼ା ହୋଇ ବିକଳରେ ଚାହିଁ ରହିଥିଲି । କାହିଁକି କିଛି ସମୟ ପାଇଁ ମାୟା ଲଗାଇ ଥରେ ବି ଫେରି ଚାହାନ୍ତି ନାହିଁ । ବାସ୍ । ଟ୍ରେନ୍ ଛାଡି ଅଦୃଶ୍ୟ ହେବା ଆଗରୁ ମୁଁ ଦେଖିଲି, ସେ ବୁଲି ପଡି ମୋତେ ଅନାଇଛି । ଆଖିରେ ଲୁହ।

ହେଇ ତ ମୋ ମାଆ ନା କ'ଣ । ଠିକ୍ ମୁଁ ତା ସାମନାରୁ କିଛି ଦିନ ପାଇଁ ଚାଲିଗଲେ ସେ ଏଇମିତି ଭିଜା ଭିଜା ଆଖିରେ ମୋତେ ଚାହିଁ ରହିଥାଏ ।

ମୋ ମାଆ ଚାଲିଯିବାଟା ଅନେକ ବର୍ଷ ହେଲାଣି ।

ଆଉ ଦିନେ ମୁଁ ସେଇ ରାସ୍ତାରେ ଟ୍ରେନ୍‌ରେ ଫେରୁଥିବା ସମୟରେ ମୁଁ ହଠାତ୍ ସେହି ଷ୍ଟପେଜରେ ଓହ୍ଲାଇ ପଡିଲି। ମୁଁ ଭଲ କରି ଜାଣେ ସେ ଷ୍ଟପେଜ ମୋର କିନ୍ତୁ ନୁହେଁ। ମୋ'ର ମନେ ହେଉଥିଲା, ପ୍ରତ୍ୟେକ ଦିନ ଏଇ ଟ୍ରେନ ସମୟରେ କେହି ଜଣେ ଏଇ ବାଉଁଶ ବୁଦା ତଳେ ସଞ୍ଜର ଝାପ୍‌ସା ଅନ୍ଧାରରେ ଛିଡ଼ା ହୋଇ କାହାକୁ ଅପେକ୍ଷା କରି କରି ପ୍ଲାଟଫର୍ମରୁ ଶେଷ ପାସେଞ୍ଜର ଚାଲିଗଲା ପରେ ଦୀର୍ଘ ନିଃଶ୍ୱାସଟିଏ ପକାଇ ପଣତରେ ଲୁହ ପୋଛି ଫେରି ଯାଉଥିବ ନିଶ୍ଚୟ ।

♥ ବସନ୍ତପୁର , ଗେଙ୍ଗୁଟି
ବାଲେଶ୍ୱର - ୭୫୬୦୫୬
(ମୋ) ୯୦୦୨୦୨୦୬୦୪

# ପଞ୍ଚଲିଙ୍ଗେଶ୍ୱର ହାଇସ୍କୁଲରେ ଆଇନସେବା ଦିବସ ପାଳନ

ନୀଳଗିରି, ୦୯/୧୧ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପଞ୍ଚଲିଙ୍ଗେଶ୍ୱର ହାଇସ୍କୁଲ ସଭାଗୃହରେ ଉପଖଣ୍ଡ ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ନୀଳଗିରି ଉପଖଣ୍ଡ ଓକିଲ ସଂଘ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ କିଶୋର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ, ବରିଷ୍ଠ ଦେୱାନି ବିଚାରପତି ଏବଂ ତାଲୁକ ଲିଗାଲ ସର୍ଭିସ କମିଟିର ଚେୟାରମ୍ୟାନ ଶ୍ରୀମତୀ ସୁନନ୍ଦା ପ୍ରଧାନ, ଏସଡ଼ିଜେଏମ ନୀଳଗିରି ମୋନାଲିସା ପଣ୍ଡା, ନୀଳଗିରି ସବଡ଼ିଭିଜନକ୍ଷଲ ବାର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଆଇନଜୀବୀ ସୋମନାଥ ନାୟକ, ରିମାଣ୍ଡ ଆଡ଼ଭୋକେଟ କମ ରିଟୋନର ଜୟନ୍ତ ସ, ଆଇନଜୀବୀ ବିଘ୍ନେଶ୍ୱର ବାରିକଙ୍କ ସମେତ ବିଦ୍ୟାଳୟର ବିଜ୍ଞାନଶିକ୍ଷକ ରଞ୍ଜିତ ପରିଡା ପ୍ରମୁଖ ମଞ୍ଚାସିନ ରହି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ମାନଙ୍କୁ ଆଇନ ସମ୍ବନ୍ଧୀୟ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ଅଦାଲତ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଶାମାଖୁଣ୍ଟା ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ




ବାରିପଦା, ୦୯/୧୧ (ନି.ପ୍ର): ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ସିନ୍ଦୁରଗୌରା ପଞ୍ଚାୟତ ହାଇସ୍କୁଲ ପରିସରରେ ବ୍ଲକ ଅଧୀନସ୍ଥ ସମସ୍ତ ମାଧ୍ୟମିକ ବିଦ୍ୟାଳୟ ସମୂହର ପ୍ରଧାନଶିକ୍ଷକ ମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୁହ୍ୟା ସିଂ ସମ୍ମିଳନୀ କୁ ଉଦଘାଟନ କରିଥିଲେ । ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର କୁମାର ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନଶିକ୍ଷକ ନଳୀନ କୁମାର ଚୌଧୁରୀ ଓ ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ବିଦ୍ୟାଳୟରେ ପ୍ରଣୀତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଧାନଶିକ୍ଷକ ରାଖାଲକୃଷ୍ଣ ମହାନ୍ତି ବିଗତ ଅଧିବେଶନର ବିବରଣୀ ପାଠ କରିଥିଲେ । ସମସ୍ତ ପ୍ରଧାନଶିକ୍ଷକ ଆଲୋଚନାଚକ୍ର ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ଗୋପାଳପୁର ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ନେତୃତ୍ୱ ବିକାଶ ଶିବିର ଉଦ୍‌ଘାଟିତ




ବାଲେଶ୍ୱର , ୦୯/୧୧ (ନି.ପ୍ର): ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପ୍ରଯୋଜିତ ଜିଲ୍ଲାସ୍ତରୀୟ ନେତୃତ୍ୱ ବିକାଶ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ନିହାର ରଞ୍ଜନ କର ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଡଃ କଲ୍ୟାଣୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିବିର ସଂଯୋଜକ ଅମଲ କୁମାର ରାଉଳ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଧ୍ୟକ୍ଷ ପ୍ରଫେସର ଭାସ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଶୃଙ୍ଖଳିତ ସ୍ୱେଚ୍ଛାସେବୀ ପ୍ରଗତିଶୀଳ ରାଷ୍ଟ୍ରର ରାଷ୍ଟ୍ରନିର୍ମାତା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୁଲ୍ୟ କୁମାର ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ଭଦ୍ରକ ଜିଲ୍ଲାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କମଳାକାନ୍ତ ଓଝା ପ୍ରମୁଖ ଯୋଗଦେଇ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଆୟୋଜନର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଶିବିରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ୧୦୦ ଜଣ ସ୍ୱେଚ୍ଛାସେବୀ ଓ ୧୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଛନ୍ତି । ଏହି ଶିବିରରେ ସ୍ୱେଚ୍ଛାସେବୀ ମାନଙ୍କୁ ଜାତୀୟ ସେବା ଯୋଜନାର ଇତିହାସ, ଜାତୀୟ ସେବା ଯୋଜନାରେ ସ୍ୱେଚ୍ଛାସେବୀ ମାନଙ୍କର ଭୂମିକା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, କ୍ୟାରିୟର କାଉନସେଲିଂ, ସଡ଼କ ନିରାପତ୍ତା, ତମାଖୁ ବର୍ଜନ, ସ୍ୱେଚ୍ଛାକୃତ ରକ୍ତଦାନ, ସାଇବର ଅପରାଧ, ନେତୃତ୍ୱ ବିକାଶ ଓ ପରିବେଶ ସୁରକ୍ଷା ପ୍ରଭୃତି ବିଷୟରେ ତାଲିମ ପ୍ରଦାନ ସହ ସ୍ୱଚ୍ଛତା ହିଁ ସେବା, ବୃକ୍ଷ ରୋପଣ ଓ ସଚେତନତା ଶୋଭାଯାତ୍ରା ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଶିବିର ସଂଯୋଜକ ଅଧ୍ୟାପକ ରାଉଳ ସୂଚନା ପ୍ରଦାନ କରିଛନ୍ତି । ପ୍ରୋଗ୍ରାମ ଅଫିସର ଅମ୍ବୁଜା ଲୋଚନ ଦାଶ, ଶ୍ରୀହରିଶଙ୍କର ପାଣିଗ୍ରାହୀ, ମୀତାରାଣୀ ଜେନା, ସୁପ୍ରାସିନୀ ବେହେରା, ଭକ୍ତବନ୍ଧୁ ସାହୁ, ଗୋପୀନାଥ ଦାଶ, ପ୍ରହଲ୍ଲାଦ କୁଅଁର, ଅଧ୍ୟାପକ ବସନ୍ତ କୁମାର ମିଶ୍ର, ଉତ୍ତମ କୁମାର କର୍ବି, ଉମାକାନ୍ତ ଦୀକ୍ଷିତ, ନିଗମାନନ୍ଦ ମହାପାତ୍ର, ରଜନୀକାନ୍ତ ପାଣିଗ୍ରାହୀ, ଡଃ ଅଭୟ କୁମାର ମହାନ୍ତି, ମାନସ ରଞ୍ଜନ କର, ପରମେଶ୍ୱର ମଲ୍ଲିକ, ଡଃ ଜ୍ୟୋତ୍ସ୍ନାମୟୀ ସେଠୀ, ଡଃ ବସୁମତୀ ପଣ୍ଡା, ଅନିତା ଜେନା ଓ ରମେଶ ଚନ୍ଦ୍ର ଅଗସ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିବିର ସଂଯୋଜକ ଅଧ୍ୟାପକ ଅମଲ କୁମାର ରାଉଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

# ୭୬ ଜଣ ଆଦିବାସୀ ଯୁବ ଉଦ୍‌ଯୋଗୀଙ୍କୁ ୧ ଲକ୍ଷ ଟଙ୍କା ହିସାବରେ ଆର୍ଥିକ ସହାୟତା ପ୍ରଦାନ




ବାରିପଦା, ୦୯/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୪-୨୫ ରେ ପ୍ରଥମ ପର୍ଯ୍ୟାୟରେ ୭୬ ଜଣ ଯୁବ ଉଦ୍‌ଯୋଗୀଙ୍କୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା , ବାରିପଦାଙ୍କ ଦ୍ୱାରା ୭୬ ଜଣ ମନୋନୀତ ଯୁବକ ଯୁବତୀଙ୍କୁ ବିଭିନ୍ନ ପ୍ରକାରର ଲଘୁ ଉଦ୍‌ଯୋଗ ଆରମ୍ଭ କରି ଆର୍ଥିକ ସ୍ତରରେ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ୧ ଲକ୍ଷ ହିସାବରେ ମୋଟ ଟ. ୭୬ ଲକ୍ଷ ପ୍ରଦାନ କରାଗଲା । ମୋଟ ୯୩ ଜଣ ଯୁବ ଉଦ୍ୟୋଗୀଙ୍କୁ ବିଭିନ୍ନ ଜନଜାତି ପରିଷଦଙ୍କ ଦ୍ୱାରା ସେ ମନୋନୀତ ହୋଇଥିଲେ ଓ ସେମାନଙ୍କୁ ଆବଶ୍ୟକ ତାଲିମ ମଧ୍ୟ ପ୍ରଦାନ କରଯାଇଥିଲା । କିନ୍ତୁ ଅବଶିଷ୍ଟ ୧୭ ଜଣ ସେମାନଙ୍କର ନିଜସ୍ୱ ଅଂଶ ଧନ ନିଜର ବ୍ୟାଙ୍କ ଜମା ବହିରେ ଜମା କରିବା ନିମନ୍ତେ ସମୟ ମାଗିଛନ୍ତି । ସେମାନେ ନିଜ ଅଂଶ ଧନ ଜମା କଲା ପରେ ସେମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମ ସହିତ ସାମିଲ କରାଯିବ । ଆଜିର କାର୍ଯ୍ୟକ୍ରମ ରେ ପ୍ରକଳ୍ପ ପ୍ରଶାସକ ଶ୍ରୀ ପ୍ରଣୟ ରଞ୍ଜନ ବେହେରା, ସହକାରୀ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଲକ୍ଷ୍ମଣ ସାହୁ , ପ୍ରକଳ୍ପ ପରିଚାଳକ ଶ୍ରୀ ଗଙ୍ଗାଧର ପ୍ରଧାନଓ ଦକ୍ଷତା ବିଶେଷଜ୍ଞ ଶ୍ରୀ ଶଙ୍କର ଚରଣ ସାମଲ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମଟିକୁ ବ୍ଲକ ସ୍ତରୀୟ ଜୀବିକା ବିଶେଷଜ୍ଞ ମାନେ ପରିଚାଳନା କରିଥିଲେ ।

# ଏଡ଼ସ ସଚେତନତା ଶିବିର ଅନୁଷ୍ଠିତ




ବାସୁଦେବପୁର, ୦୯/୧୧ (ନି.ପ୍ର): ଭଦ୍ରକ ଜିଲ୍ଲାର ବାସୁଦେବପୁର ପୌର ପରିଷଦ ଅନ୍ତର୍ଗତ ସ୍ଥାନୀୟ ତାରିଣୀ ଛକ ନିକଟରେ ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ଅନ୍ୟକୁଲ୍ୟ ରେ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ ପକ୍ଷରୁ ଏଡ଼ସ ସଚେତନତା ଶିବିର କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଛି। ତିନି ଦିନ ବ୍ୟାପୀ ଏହି କାର୍ଯ୍ୟ କର୍ମ କୁ ମୁଖ୍ୟ ଅତିଥି ଭାବେ ଆୟୁଷ ଡାକ୍ତର ମନୋଜ ମିଶ୍ର ଉଦ୍ ଘାଟନ କରିଥିଲେ। ଏଡ଼ସ ର ରୋଗ ସମ୍ପର୍କ ରେ ସେ ମତ ରଖିବା ସହ ନିଆ ଯାଉଥିବା ପଦକ୍ଷେପ ବିଷୟ ରେ ଅବଗତ କରାଇବା ସହ ସଚେତନତା କୁ ସ୍ୱାସ୍ଥ୍ୟ ବିଭାଗ ଓ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମତ ରଖିଥିଲେ। ସଂଘ ର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦୀକ୍ଷିତ, ସମ୍ପାଦକ ପର୍ଶୁରାମ ନାୟକ, ପ୍ରକଳ୍ପ ଅଧିକାରୀ ମନୋଜ ବାରିକ୍, ବଳରାମ ପାତ୍ର, ସର୍ବେଶ୍ୱର ମହାନ୍ତି, ନମିତା ବଳ, ଲକ୍ଷ୍ମୀ ମଣି ବେହେରା, ସୁଭଦ୍ରା ବେହେରା, ଜୟ ଲଳିତା ମାଇତି, ରିତା ମାହନ୍ତ, ଶଙ୍କର ଜେନା, ତାପସ ବାରିକ୍ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଙ୍କୁ ସଚେତନତା କରାଇବା ସହ ପ୍ରଚାର ପତ୍ର ବଣ୍ଟନ କରିଥିଲେ।

# ପୁଇଁତଲା ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

ବଲାଙ୍ଗୀର, ୦୯/୧୧ (ନି.ପ୍ର): ପୁଇଁତଲା ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ। ପୁଇଁତଲା ବ୍ଲକ ଅନ୍ତର୍ଗତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅର୍ଏଁଲାସାରି ଠାରେ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ ଆବାହକ ପର୍ଶୁରାମ ସାହୁ, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ, ପ୍ରଧାନ ଶିକ୍ଷକ ବୁଢୁ ପଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ବିଜ୍ଞାନ ମେଳାରେ ୧୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବକୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶିବଦତ ମିଶ୍ର ସମ୍ମାନୀତ ଅତିଥି, ପ୍ରଧାନ ଶିକ୍ଷକ ନୀଳମଣି ପଟେଲ, ଦିଲ୍ଲୀପ ଯୋଶୀ, ଏବିଇଓ ନୀଳମଣି ପଣ୍ଡା, ଲଛମନ ପଧାନ, ଗୋପାଲ ବୁଢ଼େକ ମଂଚାସୀନ ଥିଲେ। ମୁଖ୍ୟଅତିଥି ଶ୍ରୀମତୀ ସାହୁ ନିଜ ବକ୍ତବ୍ୟରେ ବିଜ୍ଞାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ବିଜ୍ଞାନ ହେଉଛି ଆଜିର ସମାଜର ପ୍ରଗତିଶୀଳ ପଥ। ସମ୍ମାନିତ ଅତିଥି ଶ୍ରୀ ମିଶ୍ର ବିଶ୍ୱର ପ୍ରତିଟି କ୍ଷେତ୍ରରେ ବିଜ୍ଞାନର ଉପଯୋଗ ନିତାନ୍ତ ଆବଶ୍ୟକ ବୋଲି କହିବା ସହ ବିଜ୍ଞାନ ହେଉଛି ମନୁଷ୍ୟ ଜାତି ପାଇଁ ଆଶୀର୍ବାଦ ବୋଲି କହିଥିଲେ।

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer,
Drainage Division, Bhadrak.
Email:- eeddbdk@gmail.com

"e" PROCUREMENT NOTICE NO.- 01/2024-25
Bid Identification No. DDBDK-01/2024-25

Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the work | : | S.I.A. & Critical Lumps works |
| 2 | No of work | : | 6 nos individual work. |
| 3 | Estimated cost for put to tender | : | Varies from Rs.96,570.00 (excluding G.S.T.) to Rs.3,38,663.00 (excluding G.S.T.) |
| 4 | Period of completion | : | Varies 1 (one) to 2 (Two) calendar months |
| 5 | Date & time of availability of bid documents in the portal | : | From Dt.12.11.2024 at 10.00 hours to Dt.21.11.2024 at 17.00 hours |
| 6 | Date of for receipt of bids in the portal | : | From Dt.12.11.2024 at 10.00 hours to Dt.21.11.2024 at 17.00 hours |
| 7 | Date of opening of Bids | : | From Dt.22.11.2024 at 11.30 hours |
| 8 | Date of Lottery (if required) | : | Dt.29.11.2024 at 11.30 hours in the O/O Superintending Engineer, Drainage Division, Bhadrak |
| 9 | Procurement Officer/ Name & address of the Officer Inviting Bids | : | Superintending Engineer, Drainage Division, Bhadrak. |

Further details can be seen from the e-procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

superintending Engineer
drainage Division, Bhadrak

OIPR: 32057/11/0001/2425

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଉପମୁଖ୍ୟମନ୍ତ୍ରୀଙ୍କ ବଡ଼ ...

ସବୁଠାରୁ ବଡ଼କଥା ହେଲା କେହି ଜଣେ ବି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । କହିଛନ୍ତି ବାରମ୍ବାର ଆବେଦନ କରି ସାମାନ୍ୟ ଭୁଲ ଭଟକା ପାଇଁ ଏହି ଯୋଜନାରୁ ବାଦ୍ ପଡ଼ିଛନ୍ତି ସେମାନେ ନିରାଶ ହେବାର କାରଣ ନାହିଁ । କାରଣ ନୂଆ ଗାଇଡ୍‌ଲାଇନ୍ ଅନୁଯାୟୀ ତ୍ରୁଟି ସଂଶୋଧନ ପାଇଁ ୟା ଭିତରେ ସରକାର ବିଜ୍ଞାପନ ଦେଇ ସାରିଛନ୍ତି । ଜିଲ୍ଲାପାଳମାନଙ୍କ ଜରିଆରେ ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରରେ ଯାଞ୍ଚ କରିବାପାଇଁ ନିର୍ଦ୍ଦେଶ ବି ଦିଆଯାଇଛି ବୋଲି କହିଛନ୍ତି ପ୍ରଭାତୀ । ସୁଭଦ୍ରା ଯୋଜନାରେ ଇ-କେୱାଇସି ରେ ତ୍ରୁଟି ପାଇଁ ଏପର୍ଯ୍ୟନ୍ତ ୨ ଲକ୍ଷ ୬୭ ହଜାର ମହିଳାଙ୍କ ନାଁ କଟିଛି । ହେଲେ ଏମାନଙ୍କ ପାଇଁ ସାମିଲ ହେବାର ସୁଯୋଗ ଥିବା ଜାଣି ଖୁସିବ୍ୟକ୍ତ କରିଛନ୍ତି ବାଦ୍ ପଡ଼ିଥିବା ଆଶାୟୀ । ଯେମିତି ବାଲେଶ୍ୱର ସହର ୧୧ ନମ୍ବର ୱାର୍ଡର ସ୍ନେହଲତା ସାହୁ ଏବଂ ଶକୁନ୍ତଳା ନାୟକ । ଦୁହେଁ ସେପଟେମ୍ବର ମାସରୁ ସୁଭଦ୍ରା ଯୋଜନାରେ ସାମିଲ ହେବପାଇଁ ଆବେଦନ କରିଥିଲେ ବି ଟଙ୍କା ପାଇନାହାଁନ୍ତି। ସେହିପରି ଆଧାର ସହ ଆକାଉଣ୍ଟ ଲିଙ୍କ ନଥିବାରୁ ଯୋଜନାରୁ ବଞ୍ଚିତ ଗଞ୍ଜାମ ଖଲିକୋଟର ସୁରୂପା ପାହାନଙ୍କ ମନରେ ସୁଭଦ୍ରାରେ ସାମିଲ ହେବାର ଆଶା ଜାଗିଛି । ଦୁଇଟି ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ମୋଟ୍ ୬୦ ଲକ୍ଷ ୬୭ ହଜାର ମହିଳା ସୁଭଦ୍ରାରେ ସାମିଲ ହୋଇ ଟଙ୍କା ପାଇ ସାରିଛନ୍ତି । ସୂଚନା ଅନୁସାରେ ସେପଟ୍ଟେମ୍ବର ୧୭ରେ ଆରମ୍ଭ ହୋଇଥିଲା ସୁଭଦ୍ରା ଯୋଜନା । ଭୁବନେଶ୍ୱରର ଜନତା ମୈଦାନରେ ହଜାର ହଜାର ମହିଳାଙ୍କ ଉପସ୍ଥିତିରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପ୍ରଥମ ଦଫାରେ ପ୍ରାୟ ୨୫ ଲକ୍ଷ ମହିଳାଙ୍କ ଖାତାକୁ ଟଙ୍କା ଯାଇଥିଲା । ସେହିପରି ଅକ୍ଟୋବର ୯ରେ ମହିଳାଙ୍କ ଖାତାକୁ ଆସିଥିଲା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା । ବାରିପଦା ସଭାରେ ମୁଖ୍ୟମନ୍ତ୍ରୀ ଟଙ୍କା ଯୋଗ୍ୟ ହିତାଧିକାରୀଙ୍କ ଖାତାକୁ ପଠାଇଥିଲେ । ୩୫ ଲକ୍ଷରୁ ଅଧିକ ମହିଳାଙ୍କ ଆକାଉଣ୍ଟ ଗଲା ୫ ହଜାର ଲେଖାଏଁ ମୋଟ୍ ୧୭୫୦ କୋଟିରୁ ଅଧିକ ଟଙ୍କା । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୫ ଲକ୍ଷ ମହିଳା ସୁଭଦ୍ରା ଟଙ୍କା ପାଇଥିଲେ । ଫଳରେ ଦୁଇଟି ପର୍ଯ୍ୟାୟରେ ଆଜି ସୁଦ୍ଧା ୬୦ ଲକ୍ଷରୁ ଅଧିକ ମହିଳା ଉପକୃତ ହୋଇଛନ୍ତି । ତେବେ ଡିସେମ୍ବର ଶେଷ ସୁଦ୍ଧା ସମୁଦାୟ କୋଟିଏରୁ ଅଧିକ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ ।

### ଆଇଏଏସ ସ୍ତରରେ ଅଦଳ...

ବିଭାଗ ଦାୟିତ୍ୱ ମିଳିଥିବାବେଳେ ସ୍ୱତନ୍ତ୍ର ସଚିବ ଗୁହା ପୁନମ ତାପସ କୁମାରଙ୍କୁ ମିଳିଛି ବୟନ ଓ ହସ୍ତତନ୍ତ ବିଭାଗର ଦାୟିତ୍ୱ । କିଛିଦିନ ତଳେ ରାଜ୍ୟରେ ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଥିଲା । ବଦଳିଥିଲେ ୨୦ ଜିଲ୍ଲାର ଜିଲ୍ଲାପାଳ। ଯାଜପୁର ଜିଲ୍ଲାପାଳ ଥିବା ନିଖିଲ ପଓ୍ୱନ କଲ୍ୟାଣଙ୍କୁ ବଦଳି କରାଯାଇ ତାଙ୍କୁ ଓଡ଼ିଶାମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିଲା । ତାଙ୍କ ସ୍ଥାନରେ ପି. ଅନ୍ୱେଷା ରେଡ୍ଡି ହୋଇଥିଲେ ଯାଜପୁର ଜିଲ୍ଲାପାଳ। ସେହିଭଳି ନୟାଗଡ଼ଜିଲ୍ଲାପାଳ ଥିଲେ ସ୍ୱଧା ଦେବ ସିଂଙ୍କର ବଦଳି ହୋଇଥିଲା । ତାଙ୍କୁ ପଂଚାୟତିରାଜ ଓ ପାନୀୟ ଜଳବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଥିବା ବେଳେ ସମ୍ବଲପୁର ଜିଲ୍ଲାପାଳ ଥିବାଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ନୟାଗଡ଼ ଜିଲ୍ଲାପାଳ ଭାବେ ବଦଳି କରାଯାଇଥିଲା । ଏପଟେ ରାଜ୍ୟସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଥିବା ଦିଲ୍ଲୀପ ରାଉତରାୟଙ୍କୁ ଭଦ୍ରକ ଜିଲ୍ଲାପାଳ ଭାବେ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ଏହି ନୂଆ ଦାୟିତ୍ୱ ମିଳିଥିଲା ।

### ଝାଡ଼ଖଣ୍ଡରେ ଆଇଟି ବିଭାଗର ...

ଡ୍ରାଇଭରକୁ ଅଟକ ରଖି ମୁମ୍ବାଇ ପୁଲିସ ପଚରାଉଚରା କରୁଛି। ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମୋଟ ୨୮୦ କୋଟି ଟଙ୍କା ଜବତ କରାଯାଇଥିବା ସୂଚନା ଦେଇଛି ପୁଲିସ। ନିର୍ବାଚନ ପୂର୍ବରୁ ଟଙ୍କା ଜବତ ଓ ବିଭିନ୍ନ ଠିକଣାରେ ରେଡ଼କୁ ନେଇ ରାଜନୀତି ତେଜିବାରେ ଲାଗିଛି, ଏହାକୁ ନେଇ ମୁହାଁମୁହିଁ ହେଉଛନ୍ତି ଶାସକ ଓ ବିରୋଧୀ।

### କରୋନା ପାଣ୍ଡିରେ ...

ବିଜେପି ସରକାର ୨୦୨୦ ମସିହା ମାର୍ଚ୍ଚରେ ବିପୁଳ ପରିମାଣର ପିପିଇ କିଟ, ମେଡିସିନ ଓ ମେଡିକାଲ ଉପକରଣ ଆମଦାନୀ କରିବାକୁ ଅନୁମତି ଦେଇଥିଲେ। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ସାମଗ୍ରୀ ଚାଇନିଜ କମ୍ପାନର ଡିଏଚବି ଗ୍ଲୋବାଲ ଓ ବିଗ ଫାର୍ମାସ୍ୟୁଟକାଲ୍ସ ଠାରୁ ଅଣାଯାଇଥିଲା। ସ୍ଥାନୀୟ କମ୍ପାନୀ ସମାନ ଜିନିଷ ପାଇଁ କମ ଟଙ୍କା ନେଉଥିବା ବେଳେ ବିଜେପି ସରକାର ଅଧିକ ଟଙ୍କାରେ ଚାଇନିଜ କମ୍ପାନୀ ଠାରୁ ଏହାକୁ କିଣିଥିଲେ। ଅଧିକାରୀମାନେ ସେତେବେଳେ ଯୁକ୍ତି କରିଥିଲେ ଯେ ସ୍ଥାନୀୟ କମ୍ପାନୀଗୁଡ଼ିକ ଆବଶ୍ୟକତା ପୂରଣ କରିପାରିବେ ନାହିଁ। କିନ୍ତୁ ରେକର୍ଡ କହୁଛି ପ୍ଲାଷ୍ଟି ସର୍ଜ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଭଳି କମ୍ପାନୀଗୁଡ଼ିକ ପିପିଇ କିଟର ଦାମ ୩୩୦.୪୦ ଟଙ୍କା ରଖିଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଏହା ୭୨୫ ଟଙ୍କାରେ ପହଞ୍ଚିଥିଲା। କିନ୍ତୁ ଡିଏବି ଗ୍ଲୋବାଲ ଗୋଟିଏ ପିପିଇ କିଟକୁ ପ୍ରାୟ ୨୧୧୭.୫୩ ଟଙ୍କାରେ ବିକ୍ରି କରିଥିଲା। ରିପୋର୍ଟରେ କୁହାଯାଇଛି ଯେ କର୍ଣ୍ଣାଟକା ରାଜ୍ୟ ମେଡିକାଲ ସପ୍ଲାଏ କର୍ପୋରେସନ ଲିଃ (କେଏସଏମଏସ୍‌ସିଏଲ) ପ୍ରତିଯୋଗିତା ମୂଳକ ବିଡିଂକୁ ବାଇପାସ୍ କରି ସିଧାସଳଖ ଜିନିଷ ପାଇଁ ଅର୍ଡର ଦେଇଥିଲା। ଏହି ଆଭିମୁଖ୍ୟକୁ ମୁଖ୍ୟମନ୍ତ୍ରୀ ୟେଦ୍ୟୁରପ୍ପା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ସିରାମୁଲୁ ସମର୍ଥନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ପିପିଇ କିଟର ଦାମ ୪୦୦ରୁ ୧୪୪୪.୮୦ ଟଙ୍କା ରହିଥିଲେ ହେଁ ଅଧିକାରୀମାନେ ଅଧିକ ଦାମରେ ବିଦେଶରୁ ଏହାକୁ କିଣିଥିଲେ। ଏହା ଦ୍ୱାରା ରାଜ୍ୟ ରାଜକୋଷକୁ ୬୭,୬୯,୦୦୦ ଟଙ୍କା କ୍ଷତି ପହଞ୍ଚିଥିବା ଅଭିଯୋଗ ହୋଇଛି। ଏହାବାଦ ବାକି ମେଡିକାଲ ଉପକରଣରେ ହୋଇଥିବା ହେରଫେର ଯୋଗୁ ୧୫୦ କୋଟି ଟଙ୍କାର ଆତ୍ମସାତ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ତଦନ୍ତ ପରିସର ଭୁକ୍ତ ପାଇଁ କମିଶନ ପ୍ରସ୍ତାବ ଦେଇଥିବାରୁ ଏହା ଉପରେ ବିଏସ ୟେଦ୍ୟୁରପ୍ପା ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, "କୋଭିଡ ସମ୍ପର୍କିତ କିଣାକିଣିକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ।କାରଣ ଆମେ ସବୁ ପ୍ରକାରର କାମ ଆଇନଗତ ଉପାୟରେ କରିଥିଲୁ। ସେମାନଙ୍କ ପଦକ୍ଷେପ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ। ମୁଁ କୌଣସି ଭୁଲ କରି ନାହିଁ। ଯେକୌଣସି ତଦନ୍ତ ସତ୍ୟର ଉନ୍ମୋଚନ କରିବ। କଂଗ୍ରେସ କେବଳ ଅତୀତକୁ ଖୋଳିବାକୁ ଲାଗିଛି।"



# କୁଦମାନସିଂ ବାଲିଯାତ୍ରା ପଡ଼ିଆ ଚଳଚଞ୍ଚଳ: ୧୧ରୁ ୩୮ତମ ବୋଇତ ବନ୍ଦାଣ ଓ ରାହାସ ଉତ୍ସବ ଆରମ୍ଭ

ଲଙ୍ଗଳେଶ୍ୱର, ୦୯/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ପଂଚାୟତର କୁଦମାନସିଂ ବାଲିଯାତ୍ରା ପଡ଼ିଆରେ ୩୮ତମ ବୋଇତ ବନ୍ଦାଣ ଓ ରାହାସ ଉତ୍ସବ ପାଇଁ ଚଳଚଞ୍ଚଳ ହେଲାଣି । ଗାଁ ଠାରୁ ବାଲିଯାତ୍ରା ପଡ଼ିଆ ଯାଏ ବୋଇତ ବନ୍ଦାଣ ଓ ରାହାସ ଉତ୍ସବକୁ ସରସ ସୁନ୍ଦର ରୂପରେଖା ଦେବା ପାଇଁ କମିଟିର ସଦସ୍ୟ ମାନେ ଲାଗି ପଡିଛନ୍ତି। ମୂର୍ତ୍ତି କାରିଗର ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ଥିବା ବେଳେ ଆକର୍ଷଣୀୟ ତୋରଣ ପାଇଁ ଟେଣ୍ଟ ମାଲିକ ବିଭିନ୍ନ କୋଶଳୀ କାରିଗର ମାନଙ୍କୁ ଲଗାଇ ବାଉଁଶ କଠା ଓ କପଡ଼ାରେ ପୂଜା ମଣ୍ଡପ ଓ ମୁଖ୍ୟ ଫାଟକରେ ତୋରଣ ତିଆରି କରିବାରେ ବ୍ୟସ୍ତ ରହିଛନ୍ତି। ରାସ୍ତା ରୁ ଗାଁ ଓ ପୂଜା ମଣ୍ଡପ ଯାଏ ନାଲି ନେଳୀ ରଙ୍ଗୀନ ଆଲୋକ ରେ ସାଜ ସଜା ଚାଲିଛି। ରବିବାର ରାତି ପାହିଲେ ସୋମବାର ଠାରୁ ଉତ୍ସବ ମୁଖରିତ ହେବ କୁଦମାନସିଂ ବାଲିଯାତ୍ରା ପଡ଼ିଆ ।ବୋଇତ ବନ୍ଦାଣ ଓ ରାହାସ ଉତ୍ସବ ଦେଖିବା ପାଇଁ ଦୂର ଦୁରାନ୍ତରୁ ଲୋକଙ୍କ ଗହଳି ଲାଗିବ। ଦୀର୍ଘ ବର୍ଷ ଧରି ଏହି ଅବସରରେ କବାଡି ଟର୍ଣାମେଣ୍ଟ ଅନୁଷ୍ଠିତ ହୋଇଆସୁଛି। ଏବର୍ଷ ରାଜ୍ୟ ସ୍ତରୀୟ ମହିଳା କବାଡି ଟର୍ଣାମେଣ୍ଟ ମେଳାର ଆକର୍ଷଣୀୟର କେନ୍ଦ୍ର ବିନ୍ଦୁ ହେବ। ଖେଳ ପ୍ରତିଯୋଗିତା ପାଇଁ ଆଜିଠାରୁ ପଡ଼ିଆ ସମତୁଲ କାର୍ଯ୍ୟ ଆରଂଭ ହୋଇଛି। ପୂଜା କମିଟିର ସଭାପତି ମହେଶ୍ୱର ଜେନାଙ୍କ ନିର୍ଦ୍ଦେଶ ଅନୁଯାୟୀ କମିଟି ର ସଂପାଦକ ପ୍ରତାପ ଚନ୍ଦ୍ର ପାତ୍ର, କୋଷାଧକ୍ଷ ସରୋଜ କୁମାର ସାହୁ , ବରିଷ୍ଠ ସଦସ୍ୟ ରଘୁନାଥ ଜେନା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପାତ୍ର, ସଞ୍ଜୀବ ମହାଳିକ, ସୁବୁଧ ପାତ୍ର, ରଘୁନାଥ ପାତ୍ର, ରତ୍ନାକର ଜେନା ଙ୍କ ସହିତ ଅନ୍ୟ ସଦସ୍ୟ ମାନେ ନିଜ ନିଜର କାର୍ଯ୍ୟ ଶେଷ କରିବା ପାଇଁ ବ୍ୟସ୍ତ ରହିଛନ୍ତି। ତେବେ କୁଦମାନସିଂ ବାଲି ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ବଡ଼ ବଡ଼ ଦୋକାନ, ପିଲାଙ୍କ ପାଇଁ ୱାଟାର ବୋଟିଂ, ଚରକି ଦୋଳି ପରି ବିଭିନ୍ନ ଆକର୍ଷଣୀୟ ଦୋକାନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯାତ୍ରା, ମେଲୋଡି, ଭଜନ ସନ୍ଧ୍ୟା , କୁନି କୁନି ପିଲା ମାନଙ୍କ ଦ୍ୱାରା ଡେନ୍ସ କାର୍ଯକ୍ରମ ଆଦି ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ଗାଁ ମୁଖିଆ ତଥା କମିଟିର ଉପଦେଷ୍ଟା ଅରୁଣ କୁମାର ପାତ୍ର କହିଛନ୍ତି।

# ପାରାଦ୍ୱୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ୨୦୨୪ର ସପ୍ତମ ସନ୍ଧ୍ୟା: ବିଦ୍ୟୁତ ଏବଂ ଯାନ୍ତ୍ରିକ ବିଭାଗର ନାଟକ 'ଶେଷରୁ ଆରମ୍ଭ' ମଞ୍ଚସ୍ଥ



ପାରାଦ୍ୱୀପ , ୦୯/୧୧ (ନି.ପ୍ର): ପାରାଦ୍ୱୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୁଲ୍ୟରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ ୨୦୨୪ର ସପ୍ତମ ସନ୍ଧ୍ୟାରେ ବିଦ୍ୟୁତ ଏବଂ ଯାନ୍ତ୍ରିକ ବିଭାଗର କର୍ମଚାରୀ ତଥା ସେମାନଙ୍କ ପରିବାରର ସଦସ୍ୟମାନେ ଦିଲ୍ଲୀପ ବଳବନ୍ତରାୟଙ୍କ ରଚନା ଓ କ୍ୟାପଟେନ ନିରଞ୍ଜନ ଗାନଙ୍କ ନିର୍ଦ୍ଦେଶନାରେ ଜୟଦେବ ସଦନ ଠାରେ ମଞ୍ଚସ୍ଥ କରିଥିଲେ ନାଟକ 'ଶେଷରୁ ଆରମ୍ଭ ' । ଏନ୍ତୁଡ଼ି ଶାଳରୁ ଆରମ୍ଭ କରି ଜୀବନର ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ ବାପା-ମା ପିଲା ମାନଙ୍କର ସୁଖ-ଦୁଃଖ, ଅଳି-ଅର୍ଦ୍ଦଳିକୁ ହସି ହସି ଗ୍ରହଣ କରନ୍ତି । ନିଜେ କଷ୍ଟରେ ଥାଇ ମଧ ପିଲାମାନଙ୍କର ମଙ୍ଗଳ କାମନା କରନ୍ତି । ହେଲେ ପିଲାମାନଙ୍କର ନିଜ ମୁଣ୍ଡକୁ ହାତ ପାଇଯିବା ପରେ ନିଜ ନିଜର କର୍ମକ୍ଷେତ୍ରରେ ପାରଦର୍ଶିତା ଓ ସମୟନୁର୍ବର୍ତିତାର ଦ୍ୱାହି ଦେଇ ବୁଢା ମାଆ ବାପାଙ୍କର ଯତ୍ନ ନେବା ତ ଦୂରର କଥା ସେମାନଙ୍କ ସ୍ୱାଭିମାନର ମୂଲ୍ୟ ଦେବା ପାଇଁ ଅନିଚ୍ଛା ପ୍ରକାଶ କରନ୍ତି ଏବଂ ସେମାନଙ୍କ ସହ କରନ୍ତି ଚୁକ୍ତି । ଏକାଠି ରହିବାର ଇଚ୍ଛା ଭଙ୍ଗ କରି ପରିଣତ ବୟସରେ ବି ବାଧ ହୁଅନ୍ତି ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଛାଡ଼ପତ୍ର ଦେବାପାଇଁ ଏବଂ ଯେତେବେଳେ ସେଥିରେ ଅକୃତକାର୍ଯ୍ୟ ହୁଅନ୍ତି ସେତେବେଳେ ପରସ୍ପରଙ୍କ ମନରେ ଜାତ ହୁଏ ଏକ ଅଦ୍ଭୁତ ଚିନ୍ତାଧାରା । ହେଲେ ସେଥିରୁ ସେମାନେ ପାଆନ୍ତି କଣ ? ଏହି ପ୍ରଶ୍ନର ଉତ୍ତର ଦେଇଛି ଭିନ୍ନ ସ୍ୱାଦର ନାଟକ 'ଶେଷରୁ ଆରମ୍ଭ' ।ନାଟକରେ ବିଦ୍ୟୁତ ଏବଂ ଯାନ୍ତ୍ରିକ ବିଭାଗ ପକ୍ଷରୁ ମିହିର ସେଣ, ତନ୍ମୟ ଦାସ, ଜଶୋବନ୍ତ ସାହୁ, ରଶ୍ମି ରଂଜନ ଶତପଥୀ, ଧ୍ରୁବ ତରାଇ, ସତ୍ୟମିତ୍ରା ସାହୁ ଓ କଣ୍ଢେଇ ଅଭିନୟ କରିଥିଲେ । କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକ ମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ ।

# ବାରିପଦା ଆସୁଛନ୍ତି ହିନ୍ଦୀ ଚଳଚ୍ଚିତ୍ର ନାୟିକା ନନ୍ଦିତା ଦାସ



ବାରିପଦା, ୦୯/୧୧ (ନି.ପ୍ର): ସ୍ଥାନୀୟ ଶିଶୁ ଉଦ୍ୟାନ ପରିସରରେ ଶିଶୁ ଦିବସ ଅବସରରେ ଅନୁଷ୍ଠିତ ହେବାକୁ ଥିବା ସଂସ୍କାର ଶିଶୁ ମହୋତ୍ସବ ମୟୂରୀର ତିନିଦିନିଆ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ୧୪ ତାରିଖରେ ଶିଶୁ ମହୋତ୍ସବ ର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ବିଶିଷ୍ଟ ଚଳଚ୍ଚିତ୍ର ନାୟିକା, ନିର୍ଦ୍ଦେଶିକା ତଥା ପ୍ରଯୋଜିକା ନନ୍ଦିତା ଦାସ ଆସୁଛନ୍ତି । ବାରିପଦା ଦେଉଳ ସାହି ରେ ନନ୍ଦିତାଙ୍କ ପୈତୃକ ଘର । ଅନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପ୍ରଖ୍ୟାତ ଚିତ୍ର ଶିଳ୍ପୀ ପଦ୍ମଭୂଷଣ ଯତୀନ ଦାସଙ୍କ ସୁକନ୍ୟା ହେଉଛନ୍ତି ନନ୍ଦିତା । ମୟୂରଭଞ୍ଜ ମାଟିର ମହକ ପ୍ରତି ତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି । ସଂସ୍କାର ଶିଶୁ ମହୋତ୍ସବ କମିଟି ମୟୂରୀର ନିମନ୍ତ୍ରଣ କୁ ସ୍ୱୀକାର କରି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁନି କୁନି ପିଲାଙ୍କ ସହ ମିଶିବାକୁ ସେ ସମ୍ମତି ଦେଇଛନ୍ତି । ନନ୍ଦିତାଙ୍କ ତରଫରୁ ସବୁଜ ସଂକେତ ମିଳିବା ପରେ ମହୋତ୍ସବ କମିଟିର କର୍ମକର୍ତ୍ତା ଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି । ସେପଟେ ଏହି ଖବର ପ୍ରଚାରିତ ହେବା ପରେ ପ୍ରତିଯୋଗୀ ଓ ଅଭିଭାବକଙ୍କ ମଧ୍ୟରେ ମଧ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଛି । ତେବେ ମୁଖ୍ୟ ଅତିଥି ଭାବେ ନନ୍ଦିତାଙ୍କ ଭଳି ଜଣେ ବଡ଼ ସେଲିବ୍ରିଟି ଯୋଗ ଦେବା ପାଇଁ ସମ୍ମତି ଦେଇଥିବାରୁ ସଂସ୍କାର ଶିଶୁ ମହୋତ୍ସବ କମିଟି ମୟୂରୀର ପ୍ରାଣ ପ୍ରତିଷ୍ଠାତା ତଥା ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ସଭାପତି ତଥା ବାରିପଦା ପୌରପରିଷଦ ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପସଭାପତି ଆର୍କିଟେକ୍ଟ ମନୋଜ କୁଅଁର, ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ଭଞ୍ଜ ଦେଓ, ଯୁଗ୍ମ ସମ୍ପାଦିକା ରେଣୁବାଳା ରଥ ଉପଦେଷ୍ଟା ଶିକ୍ଷାବିତ ସ୍ୱରୂପ ପଟ୍ଟନାୟକ, ଆଡ଼ଭୋକେଟ କ୍ଷେତ୍ରମୋହନ ପଣ୍ଡା, ଡ ବନଜା ମହାନ୍ତି, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ଡ଼ ଆଦିତ୍ୟ ପଟ୍ଟନାୟକ ପ୍ରମୁଖ କୃତଜ୍ଞତା ଜଣାଇ ଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପିଲାମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ତଥା ବୌଦ୍ଧିକ ଓ ବ୍ୟକ୍ତିତ୍ୱ ବିକାଶ ର ଲକ୍ଷ୍ୟ ନେଇ ଦଶମ ସଂସ୍କାର ଶିଶୁ ମହୋତ୍ସବ ଈମୟୂରୀଈ ତରଫରୁ ତିନି ଦିନିଆ ପ୍ରତିଯୋଗିତା ଓ କର୍ମଶାଳା ସ୍ଥାନୀୟ ମ୍ୟୁନିସପାଲିଟି ଶିଶୁ ଉଦ୍ୟାନ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ନଭେମ୍ବର ୧୪,୧୫ ଓ ୧୬ ତାରିଖରେ ହେବାକୁ ଥିବା ପ୍ରତିଯୋଗିତାରେ ନର୍ସରୀ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇ ପାରିବେ। ଏହି ଅବସରରେ ୧୪ ତାରିଖ ର ଉଦଘାଟନୀ ଦିବସରେ ପିଲାମାନଙ୍କ ମଧ୍ୟରେ ଯୋଗ, ରଙ୍ଗୋଲି, ମହା ମୃତ୍ୟୁଞ୍ଜୟ ମନ୍ତ୍ର, ମ୍ୟୁଜିକ ଚେୟାର, ପ୍ରାର୍ଥନା ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା , ଷ୍ଟାଣ୍ଡ ଅଫ କମେଡି, ଫେନ୍ସି ଡ୍ରେସ୍ ପ୍ରତିଯୋଗିତା ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ୧୫ ତାରିଖରେ ଆଳପନା, ଗୀତା ଶ୍ଳୋକ ଆବୃତ୍ତି, ବାଦ୍ୟ ଯନ୍ତ୍ର ପରିବେଷଣ, ସଙ୍ଗୀତ ପ୍ରତିଯୋଗିତା ସହ ଅଭିଭାବକ ମାନଙ୍କ ମଧ୍ୟରେ ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା ଆୟୋଜିତ ହେବ। କାର୍ଯ୍ୟକ୍ରମ ର ଉଦଯାପନୀ ଦିବସ ଅର୍ଥାତ୍ ନଭେମ୍ବର ୧୬ ତାରିଖରେ ଚିତ୍ରାଙ୍କନ, ଲିଖିତ ସାଧାରଣ ଜ୍ଞାନ, ତର୍କ ପ୍ରତିଯୋଗିତା, ସହ ଶ୍ରୀ ଜଗନ୍ନାଥାଷ୍ଟକଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଛାତ୍ର ଛାତ୍ରୀ ନଭେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୩ ଟା ୩୦ ରୁ ସନ୍ଧ୍ୟା ୬ ଟା ଯାଏଁ ସ୍ଥାନୀୟ ମ୍ୟୁନିସପାଲିଟି ଗେଷ୍ଟ ହାଉସ ପରିସରରେ ନାମ ପଞ୍ଜିକରଣ କରିପାରିବେ।

# ଆଦିବାସୀ ପାରମ୍ପରିକ ନୃତ୍ୟରେ ବସ୍ତା ବିଧାୟିକା ସୁବାସିନୀ



ଲଙ୍ଗଳେଶ୍ୱର, ୦୯/୧୧ (ନି.ପ୍ର): ବାଲିଆପାଳ ବ୍ଲକ ସାଉଡ଼ି ପଞ୍ଚାୟତ ଅଧିନସ୍ଥ ଡିଗିରିପାହି ଆଦିବାସୀ ସାହିରେ ସୋରାଇ ପୂଜା ଉପଲକ୍ଷେ ମାରାଂବୁରୁ ଜାହେରଆୟ କ୍ଲବ୍ ଆନୁକୂଲ୍ୟରେ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲରେ ବାରମାଣିଆ ଦଳକୁ ହରାଇ କୁଣ୍ଡଚକ ଦଳ ଚମ୍ପିଆନ ହୋଇଥିଲା ।ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ଫାଇନାଲ ଖେଳକୁ ଉଦଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ବିଧାୟିକା ଶ୍ରୀମତୀ ଜେନା ଏହି ଅବସରରେ ଆଦିବାସୀ ଭାଇଭଉଣୀଙ୍କ ପାରମ୍ପରିକ ନୃତ୍ୟରେ ସାମିଲ ହୋଇ ଥିବା ନଜର ଆସିଥିଲା । ଏଭଳି କ୍ରୀଡା ପ୍ରତିଯୋଗିତାର ଆୟୋଜନ କରିଥିବାରୁ ଆୟୋଜକଙ୍କୁ ଧନ୍ୟବାଦ ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ୨୨ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ସଭାପତି ବିରେନ୍ ମଣ୍ଡଳ, ପୂର୍ବତନ ସରପଞ୍ଚ ରଞ୍ଜିତା ଟୁଙ୍ଗ, ମନୋରଂଜନ ସେଠୀ, ଶାନ୍ତନୁ ବେରା, ଝାଡେଶ୍ୱର ମଲ୍ଲିକ, ବାବୁଧର ମଣ୍ଡଳ, ସଞ୍ଜୟ ଜେନା, ସୁଲତା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲ ଖେଳକୁ ଦୁଃଖିରାମ ମାଝୀ ଏବଂ ଆନନ୍ଦ ମାଝୀ ପରିଚାଳନା କରିଥିଲେ । ଡିଗିରିପାହି ଆଦିବାସୀ ସାହି ମାରାଂବୁରୁ ଜାହେରଆୟ କ୍ଲବ୍ ର ମୁଖ୍ୟ ରଘୁନାଥ ମାଝୀ, ଉପ ସଭାପତି ଶିବ ପ୍ରସାଦ ମାଝୀ,ସହ ସଂପାଦକ କାଳି ଚରଣ ମାଝୀ, ଖେଳ ସଂପାଦକ ରବୀନ୍ଦ୍ର ମାଝୀ, ଗଣେଶ ମାଝୀ, ସମାୟ ମାଝୀ, ଲକ୍ଷ୍ମୀଧର ମାଝୀ, ଏକାଦଶୀ ମାଝୀ, ଭଜହରି ମାଝୀ, ସୁକୁଲ ମାଝୀ, ସୁଶାନ୍ତ ମାଝୀ, ସୁରେନ୍ଦ୍ର ମାଝୀ, ପୁରୁଷୋତ୍ତମ ମାଝୀ,ପ୍ରତାପ ମାଝୀ, ଗଜେନ୍ଦ୍ର ମାଝୀ,ନିମାଇଁ ଚରଣ ମାଝୀ, ବିରେନ୍ଦ୍ର ମାଝୀ, ଦାଶରଥୀ ମାଝୀ,ରାଜେନ୍ଦ୍ର ମାଝୀ,ଦୟା ସାଗର ମାଝୀ ପ୍ରମୁଖ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର



ଭଦ୍ରକ , ୦୯/୧୧ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ନାରାୟଣ ଚନ୍ଦ୍ର ହାଇସ୍କୁଲ ପୁରୁଣାବଜାର, ଭଦ୍ରକ ଠାରେ ଜାତୀୟ ଆଇନ୍ ସେବା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସଚିବ ନେହା ଅଗ୍ରୱାଲ ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ। ପିଲାମାନଙ୍କ ଦ୍ୱାରା ଅଭିନିତ ଆଇନ୍ ସମ୍ବନ୍ଧିତ ନାଟକ ବେଶ୍ ଶୀକ୍ଷଣୀୟ ହୋଇଥିଲା। ଏଥି ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପ୍ରତିଯୋଗୀଙ୍କୁ ମଧ ଉତ୍ସାହିତ କରାଯାଇ ପ୍ରାଇଜ ପ୍ରଦାନ କରାଯାଇଥିଲା। ତତ୍ ସହିତ ଅଭିନୟ କରିଥିବା ଛାତ୍ର/ଛାତ୍ରୀମାନଙ୍କୁ ମଧ ଉତ୍ସାହିତ କରାଯାଇ ପ୍ରାଇଜ୍ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନେପାଳ ଚନ୍ଦ୍ର ଦାସ ସଦସ୍ୟ ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ, ଭଦ୍ରକ ଡଃ ତାପସ କୁମାର ମହାନ୍ତି, ସହାୟକ, ଏଲ.ଏ.ଡି. ଭଦ୍ରକ, ଶିକ୍ଷକ ନିତ୍ୟାନନ୍ଦ ରାଉତ, ଶିକ୍ଷୟିତ୍ରୀ ସରସ୍ୱତୀ ନାୟକ, ଶିକ୍ଷୟିତ୍ରୀ ପାର୍ବତୀ ହାଁସଦା, ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ଦାସ, ନାରାୟଣ ଚନ୍ଦ୍ର ହାଇସ୍କୁଲ, ଭଦ୍ରକ ପ୍ରମୁଖ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମକର୍ତ୍ତା ସଂପୂର୍ଣ୍ଣ ସହଯୋଗରେ କାର୍ଯ୍ୟକମିଟି ସଫଳ ହୋଇଥିଲା। ପିଲାମାନଙ୍କୁ ଆଇନ୍ ସମ୍ବନ୍ଧୀୟ ସମସ୍ତ ଶିକ୍ଷଣୀୟ କଥା ପିଲାମାନଙ୍କୁ ବୁଝାଇ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୁଅନ୍ତୁ ବୋଲି କହିଥିଲେ।

## ଉଚ୍ଚ ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ରେ ଅଣବିଘଟନ ପ୍ଲାଷ୍ଟିକ ମନା

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ଉଚ୍ଚ ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ରେ ଅଣବିଘଟନ ପ୍ଲାଷ୍ଟିକ ମନା । ଛାତ୍ରଛାତ୍ରୀ କିଭଳି ପ୍ଲାଷ୍ଟିକ ବ୍ୟବହାର ନ କରିବେ ସଚେତନ କରାଯିବ । କଲେଜ କ୍ୟାଂଟିନ୍, ହଷ୍ଟେଲକୁ ଏକକ ବ୍ୟବହାର ପ୍ଲାଷ୍ଟିକ ଆସିବନି । ପ୍ଲାଷ୍ଟିକ ବୋତଲ ବଦଳରେ ଅନ୍ୟ ଧାତୁର ବୋତଲ ବ୍ୟବହାର ହେବ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି ହୋଇଛି ।

# ନୀଳଗିରି ପ୍ରଶାସନ ସଜାଗ: ସାବାଡ ହେବେ ବାଲିମାଫିଆ

ନୀଳଗିରି, ୦୯/୧୧ (ନି.ପ୍ର): ନୀଳଗିରି ଥାନା ଅଧୀନ କାଠପାଳସ୍ଥିତ କରଞ୍ଜିଆ ଘାଟରେ ବାଲି ମାଫିଆମାନଙ୍କୁ ଚେକ ଦେବାପାଇଁ ପୋଲିସ ପ୍ରସାଶନ,ରାଜସ୍ୱ ବିଭାଗ ଓ ଖଣିସମ୍ପଦ ବିଭାଗ ପକ୍ଷରୁ ମିଳିତ ଭାବରେ ପଦକ୍ଷେପ ନିଆଯାଇଛି। ନୀଳଗିରିରେ କୌଣସି ବାଲି ଖାଦାନକୁ ମଞ୍ଜୁରୀ ନଥିବା ବେଳେ ବାଲି ମାଫିଆମାନେ ବେଧଡକ ଭାବରେ ସୋନନଦୀରୁ ବାଲି ଚୋରାଇବାରେ ସଫଳ ହେଉଥିଲେ। ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶିତ ହେବା ପରେ ଆକ୍ସନ ମୋଡକୁ ଆସିଛି ପପ୍ରଶାସନ ।ନଦୀ ମଧ୍ୟରେ ହୋଇଥିବା ସମସ୍ତ ରାସ୍ତାଗୁଡିକୁ ପ୍ରଶାସନ ପକ୍ଷରୁ ଜେସିବି ମାଧମରେ ତାଡି ଦିଆଯାଇଛି ।ଏହି ଚଢଉରେ ଅଯୋଧ୍ୟା ଏଏସଆଇ ଗୌରହରି ଦାସ,କାଂଶ ଆରଆଇ ଲିପିକା ଦାସ,ଓ ଖଣିସମ୍ପଦ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଜଙ୍ଗଲୀ ହାତୀ ଉପଦ୍ରବରେ ଥରହର ଚାଷୀ
## ଅହୋରାତ୍ର ମଞ୍ଚାରେ ବସି ଜଗି ରହୁଛନ୍ତି ଚାଷକୁ



କପ୍ତିପଦା, ୦୯/୧୧ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟର ପାଦଦେଶରେ ଅବସ୍ଥିତ କପ୍ତିପଦା ବ୍ଳକର ପୋଡାଡିହା ନଛିପୁର ଗ୍ରାମ । ଉକ୍ତ ଗ୍ରାମ ବାସିନ୍ଦା ମୁଖ୍ୟତଃ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାଆନ୍ତି । ଚାଷୀମାନଙ୍କର ଥିବା ଶହ ଶହ ଏକର ଚାଷଜମି ପାଇଁ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି । ଜଙ୍ଗଲରୁ ଏକାଧିକ ହାତି ଆସି ଧାନଚାଷକୁ ନଷ୍ଟ କରିବାରେ ଲାଗୁଛନ୍ତି । ଏଭଳି ସ୍ଥିତିରେ ନିଜର ଚାଷଜମିକୁ ଜଗିବାପାଇଁ ଚାଷୀମାନେ ବିଗତ ୩ ମାସ ଧରି ଦିନରାତି ଗଛରେ ମଞ୍ଚା ବାନ୍ଧି ଜଗି ରହୁଛନ୍ତି । ତଥାପି ହାତୀପଲଙ୍କ ଦାଉରୁ ଧାନ ଫସଲକୁ ରକ୍ଷା କରିପାରୁନାହାଁନ୍ତି । ତେବେ ହାତୀ ଘଉଡାଇବା ପାଇଁ ବନବିଭାଗ ସହଯୋଗ କରୁନଥିବାର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ତେବେ ଏ ସଂପର୍କରେ କପ୍ତିପଦା ବନବିଭାଗର ଅଧିକାରୀ ଅଚ୍ୟୁତାନନ୍ଦ ଦାସଙ୍କୁ ପଚାରିବାରେ ବନ କର୍ନଚାରୀମାନେ ରାତିତମାମ ଜଗିବା ସହିତ ବାଣ ଫୁଟାଇ ହାତୀମାନଙ୍କୁ ଘଉଡାଇବାକୁ ଉଦ୍ୟମ କରୁଛନ୍ତି। ଏହା ବାଦ୍ ସରକାରଙ୍କ ତରଫରୁ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ହଜାର ଲେଖାଁ ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ ।

# ସାମାଜିକ ଗଣମାଧମର ବ୍ୟବହାର ନଜାଣିଲେ ଆମେ ପଛେଇଯିବା : ଅଧକ୍ଷ

ଉଦଳା , ୦୯/୧୧ (ନି.ପ୍ର): ଜନଜାଗୃତି ମଂଚ ତରଫରୁ ଚଳିତ ନଭେମ୍ବର ୮ ତାରିଖ ଶୁକ୍ରବାର ଦିନ କପ୍ତିପଦା ମହାବିଦ୍ୟାଳୟ ପରିସରରେ ସାମାଜିକ ଗଣମାଧମର ବ୍ୟବହାର ଓ ଏହାର ଆବଶ୍ୟକତା ସମ୍ପର୍କରେ ଏକ ଆଲୋଚନାଚକ୍ର ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ନିରୋଜ କୁମାର ଖୁଂଟିଆ ଦୁରରେ ଥାଇ ଫୋନଯୋଗେ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିବା ସହିତ ସାମାଜିକ ଗଣମାଧମର ବ୍ୟବହାର ନଜାଣିଲେ ଆମେ ପଛେଇଯିବା ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଦିପ୍ତି ଦାସ ଯୋଗ ଦେଇ ସାମାଜିକ ଗଣମାଧମର ବ୍ୟବହାର କିପରି ଆଜି ସବୁ କ୍ଷେତ୍ରରେ ଦରକାର ପଡୁଛି ସେ ସମ୍ପର୍କରେ ଅବଗତ କରାଇଥିଲେ । ମଂଚର ଟିମ୍ ଲିଡ଼ର ଗଦାଧର ଦାଶ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ସାମାଜିକ ଗଣମାଧମକୁ ବ୍ୟବହାର କରି କପ୍ତିପଦା ଉପଖଣ୍ଡର ବିଭିନ୍ନ ସମସ୍ୟା କିପରି ସରକାରଙ୍କ ନଜରକୁ ଅଣାଯାଇପାରିଛି ଓ ଏହାର ସମାଧାନ ମଧ ହୋଇଛି, ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ତେଣୁ ସାମାଜିକ ଗଣମାଧମର ବ୍ୟବହାର ଓ ଉପଯୋଗ ସମସ୍ତଙ୍କ ପକ୍ଷେ ଜାଣିବା ଜରୁରି ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ସୁବ୍ରତ କୁମାର ମହାନ୍ତି ଖବରକାଗଜରେ ପ୍ରକାଶିତ ସମ୍ବାଦଗୁଡ଼ିକ ଟୁଇଟ କରି କିପରି ବିଭାଗୀୟ ଅଧିକାରିଙ୍କ ନଜରକୁ ଅଣାଯାଇଥାଏ ଓ ଏହାପରେ ଅଧିକାରି ମାନେ ଏହାର ସମାଧାନ ପାଇଁ କିପରି ତତ୍ପର ହୋଇ ଉଠନ୍ତି ଏହାର ବାସ୍ତବ ଚିତ୍ର ଉପସ୍ଥାପନ କରିଥିଲେ । ଶେଷରେ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ କପାଳ, ହରିପ୍ରିୟା, ଆରତି, ଭାରତି, ଅଭିଳିପ୍ସା ସହଯୋଗ କରିଥିଲେ ।

# ଟାଟା ଏସି ସହ ମଟର ସାଇକେଲ ଧକ୍କାରେ ପୁଅ ମୃତ ମା' ଗୁରୁତର



ବସ୍ତା, ୦୯/୧୧ (ନି.ପ୍ର): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥ ର କୁଣ୍ଡପୁର ଛକ ନିକଟରେ ସାଳପତ୍ର ବୋଝେଇ କରି ଟାଟା ଏସି ସହ ବାଇକ ର ଧକ୍କା ଫଳରେ ଘଟଣା ସ୍ଥଳରେ ପୁଅ ମୃତ ମା ଗୁରୁତର । ସୂଚନା ଅନୁସାରେ ଆଜି ଦିନ ପ୍ରାୟ ୧୨ଟା ସମୟରେ ରାଜପଥର କୁଣ୍ଡପୁର ଛକ ନିକଟରେ କୁଣ୍ଡପୁର ଗ୍ରାମ ତଳରାସ୍ତାରୁ ରାଜପଥ ଉପରକୁ ଟାଟାଏସି( ଓ ଡି ୦୧ଏ ଜି ୦୧୦୮) ଦୃତ ଗତିରେ ଆସିଯିବା ବେଳେ ରାଜପଥରେ ବାଲେଶ୍ୱର ରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଜଳେଶ୍ୱର ଥାନା ଗୁରୁଦାସପୁର ଗ୍ରାମ ର ଚକ୍ରଧର ମହାନ୍ତି ଙ୍କ ପୁତ୍ର ସୁଶାନ୍ତ ମହାନ୍ତି (୩୬) ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ସାଥିରେଥିବା ମା ଆରତୀ ମହାନ୍ତି ଗୁରୁତର ହୋଇଥିଲେ । ତାଙ୍କୁ ଅବସ୍ଥାରେ ବସ୍ତା ମେଡିକାଲ ପରେ ବାଲେଶ୍ୱର ମୂଖ୍ଯ ଚିକିତ୍ସା ଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଥାଉକି ମା ଓ ପୁଅ ବାଲେଶ୍ୱର ରୁ ଡାକ୍ତର ଦେଖି ଘରକୁ ଫେରୁଥିବା ସମୟରେ ଘଟିଥିଲା ଦୁର୍ଘଟଣା । ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର କୁ ବସ୍ତା ମେଡିକାଲ ପଠାଇଥିବା ବେଳେ ବସ୍ତା ପୋଲିସ ଓ ରାଜପଥ କତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାରକରିବା ସହିତ ବାଇକ କୁ ଜବତ କରିଥିବା ବେଳେ ଟାଟାଏସି ଟି ବସ୍ତା ଥାନା କୁଣ୍ଡେଇ ଗ୍ରାମର ସନ୍ୟାସୀ ବେହେରା ଙ୍କ ର ବୋଲି ପୋଲିସ ଜାଣି ଶ୍ରୀ ବେହେରା ଙ୍କ ଘରୁ ଗାଡ଼ି କୁ ଜବଦ କରି କେସ ନଂ ୨୩୫/୨୪ ମୁଳେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି । ପ୍ରକାଶ ଥାଉକି ଉକ୍ତ ଛକ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଛି ଠିକାଦାର ଓ ଯନ୍ତ୍ରୀ ମିଳାଭଗତ ଯୋଗୁ ଏମିତି ଘଟୁଛି । ପୋଲକାୟ୍ଯ ଅତିନିମ୍ନ ଯୋଗୁଁ ନିରିହ ଙ୍କ ଜୀବନ ଯାଉଛି ।

# ଆଧାର ନାହିଁ ବୋଲି 'କୁନା'ଙ୍କୁ ମିଳୁନାହିଁ ଚାଉଳ



ଉଦଳା , ୦୯/୧୧ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଟାଙ୍ଗିରିଆ ଗ୍ରାମର ବାସିନ୍ଦା ବରଜୁ ସୋରେନଙ୍କ ୧୩ ବର୍ଷ ବୟସର ପୁତ୍ର 'କୁନା' ପରିବାରକୁ ମିଳୁଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । 'କୁନା'ର ଆଧାର କାର୍ଡ଼ ନଥିବା ଯୋଗୁଁ ତାଙ୍କର ନାମ ରେସନ କାର୍ଡ଼ରେ ଯୋଡ଼ାଯାଇପାରୁ ନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ତେବେ ଆଧାର କାର୍ଡ଼ ପାଇଁ ଫୋଟ ଉଠାଯିବା ସହିତ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା ପରିବାରର ଲୋକେ ଅଭିଯୋଗ କରିଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁନଥିବା ଏହିଭଳି ଏକ ଗରିବ ପରିବାରକୁ ଚାଉଳ ଯୋଗାଇଦେବା ବର୍ତମାନ ଜରୁରି ହୋଇ ପଡ଼ିଛି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନଙ୍କ ତରଫରୁ ଦାବି ହୋଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo